


୧୮।୧୦।୨୦୨୪

| ୬,୬୫,୧୪୩ ଟଙ୍କା | |
|---|---|
| ସୁନା | ୪୦.୫୦୦ ଗ୍ରାମ୍ |
| ରୁପା | ୬୭ ଗ୍ରାମ୍ |

## ସଂକ୍ଷେପରେ

### ଘରେ ପଶି ଯୁବକଙ୍କୁ ଆକ୍ରମଣ

ଯୋଗେଶ୍ୱରପୁର,୧୮।୧୦(ରଶ୍ମିରଞ୍ଜନ ସାହୁ)

ଘରେ ପଶି ଜଣେ ଯୁବକଙ୍କୁ ଶୁକ୍ରବାର ମରଣାନ୍ତକ ଆକ୍ରମଣ ହୋଇଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଯୁବକ ଜଣକ ହେଲେ ସୋରଭା ପଞ୍ଚାୟତ ମୁରୁଡ଼ା ଗ୍ରାମର ନବଘନ ନାୟକ। ପ୍ରକାଶ ଯେ, ନବଘନ ଯୋଗେଶ୍ୱରପୁର ଛକରେ ଏକ ଜଳଖିଆ ଦୋକାନରେ ମିସ୍ତ୍ରି ରୂପେ କାର୍ଯ୍ୟ କରନ୍ତି। ଖାଣିଜୀପୁର ଗ୍ରାମର ବାବୁନା ବେହେରା ନାମକ ଜଣେ ଯୁବକ ନବଘନ ଦୋକାନରେ ଶୋଇଥିବା ବେଳେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ନବଘନଙ୍କ ମୁଣ୍ଡ, ମୁହଁ ଓ ହାତରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପ୍ରଥମେ ଚାରିଛକ ଓ ପରେ ଗୋପ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ଜଣକ ଫେରାର୍ ଥିବା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

### ସତ୍ୟବାଦୀ ବନବିଦ୍ୟାଳୟର ପ୍ରତିଷ୍ଠା ଦିବସ

ସାକ୍ଷୀଗୋପାଳ,୧୮।୧୦(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ୍)

ସତ୍ୟବାଦୀର ପୁଣ୍ୟଶ୍ଳୋକ ପଣ୍ଡିତ ହରିହର ଦାସଶର୍ମାଙ୍କ ଜୟନ୍ତୀ ଏବଂ ସେହି ମହାପୁରୁଷଙ୍କ ପ୍ରେରଣାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା ଦିବସ ଗୁରୁବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଆଲୋଚନାଚକ୍ର ଏବଂ କବିତା ପାଠ ଅବସରପ୍ରାପ୍ତ ଶିକ୍ଷକ ସତ୍ୟବାଦୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଜୟ ପରିଡ଼ା, ରବୀନ୍ଦ୍ରନାଥ ଷଡ଼ଙ୍ଗୀ ବକ୍ତା ଭାବରେ ଯୋଗଦେଇଥିଲେ। ସୁଜାତା ଦେବୀ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶାଖା ଦେବୀ, ବିଭୂତି ହୋତା, ହୃଷୀକେଶ ପାଢ଼ୀ, ଫୁଲରାଣୀ ପାଳ, ପ୍ରଫୁଲ୍ଲ ମିଶ୍ର, ବନ୍ଦନା ମହାପାତ୍ର ଓ ଯୁଧିଷ୍ଠିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦିଗମ୍ବର ରଥ ଧନ୍ୟବାଦ ଦେଇଥିଲେ। କବି ଫକୀର ଚରଣ ପାଢ଼ୀଙ୍କ ଦ୍ୱାରା ଲିଖିତ ପୁସ୍ତକ 'ତୁଷାର ମାନବ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉତ୍କଳମଣି ଗୋପବନ୍ଧୁ ମିଶନ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅଣପଞ୍ଜୀକୃତ ହବିଷିଆଳିଙ୍କୁ ଥଇଥାନ କଲା ପ୍ରଶାସନ

ପୁରୀ,୧୮।୧୦(ଅଜିତ କୁମାର ମହାନ୍ତି)

### ବୃନ୍ଦାବତୀ ନିବାସ ଆଗରେ ଧାରଣା ବେଳେ ଜଣେ ଅଚେତ ହେଲେ

ରାଜ୍ୟ ସରକାରଙ୍କ ହବିଷିଆଳି ଯୋଜନା। ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଯୋଜନାରେ ମୋଟ ୨୫୦୦ ଜଣ ହବିଷିଆଳି ଉପକୃତ ହେବେ। ଗୁରୁବାରଠାରୁ ୪ଟି ଶିବିରରେ ପଞ୍ଜୀକୃତ ହବିଷିଆଳିମାନେ ଆସି ପହଞ୍ଚିଥିଲେ। ଦୀର୍ଘ ଏକମାସ ଧରି ପଞ୍ଜୀକୃତ ହବିଷିଆଳିମାନେ ଏହି ଯୋଜନାରେ ଉପକୃତ ହେବା ସହ ପ୍ରତ୍ୟେକ ଦିନ ମହାପ୍ରଭୁଙ୍କ ଦର୍ଶନ, ମହାପ୍ରସାଦ ସେବନର ବ୍ୟବସ୍ଥା ପାଇପାରିବେ। ତେବେ ଅନେକ ହବିଷିଆଳି ଅନ୍‌ଲାଇନରେ ଠିକ୍ ଭାବେ ନାମ ପଞ୍ଜୀକରଣ କରି ନ ଥିବାରୁ ସେମାନଙ୍କର ନାମ ନ ଥିବା ଜଣାପଡ଼ିଥିଲା। ଫଳରେ ବୃନ୍ଦାବତୀ ଶିବିର ବାହାରେ ଅନେକ ହବିଷିଆଳି ଅସନ୍ତୋଷ ପ୍ରକାଶ କରି ହୋହଲ୍ଲା କରିଥିଲେ। ସେମାନେ ଅନଲାଇନ ଯୋଗେ ଆବେଦନ କରିଥିବା ସେମାନଙ୍କ କାଗଜପତ୍ର ନେଇ ଶିବିର ସମ୍ମୁଖରେ ବସିରହିଥିଲେ। ଖବର ପାଇ ଜିଲା ପ୍ରଶାସନର ଅଧିକାରୀମାନେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ



ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଶିବିର ବାହାରେ ଅନେକ ହବିଷିଆଳି ରାତି କାଟିଥିଲେ। ଶୁକ୍ରବାର ସକାଳେ ମଧ୍ୟ ସେମାନେ ଖରାରେ ଶିବିର ଗେଟ୍ ବାହାରେ ବସି ରହିଥିଲେ। ଏହି ସମୟରେ ଜଣେ ଅଣପଞ୍ଜୀକୃତ ହବିଷିଆଳି ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯିବା ପରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଘର ଯାଜପୁର ଜିଲା ବରୀ ଅଞ୍ଚଳର ବୋଲି ଜଣାପଡ଼ିଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶିବିରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଜିଲାପାଳ ସ୍ୱାଇଁ କହିଥିଲେ, ହବିଷିଆଳିଙ୍କ ପାଇଁ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସମୀକ୍ଷା କରାଯାଇଛି। ହବିଷିଆଳିମାନେ ଯେପରି ସମସ୍ତ ସୁବିଧା ପାଇପାରିବେ ସେ ନେଇ ଦୃଷ୍ଟି ଦିଆଯାଉଛି। ଯେଉଁମାନଙ୍କର ପଞ୍ଜୀକରଣରେ କୌଣସି ସମସ୍ୟା ହୋଇଥିଲା, ସେମାନଙ୍କୁ ପ୍ରଥମେ ବେସମେଣ୍ଟରେ ରଖାଯିବ, ପରେ ଭ୍ୟାକେନ୍ସି ହେଲେ ସେମାନଙ୍କୁ ଥଇଥାନ କରାଯିବ। ସେହିପରି ପ୍ରଶାସନିକ ଅଧିକାରୀମାନେ ହବିଷିଆଳିମାନଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ଅଭିଯୋଗକୁ ଖଣ୍ଡନ କରିବା ସହ ଯଦି ଏପରି ଘଟଣା ଘଟିଥିବା ସେ ନେଇ ତଦନ୍ତ ହେବ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ଯେଉଁମାନେ ପଞ୍ଜୀକରଣ କରିନାହାନ୍ତି ସେମାନଙ୍କୁ ଦୁଦୁଆଲାରେ ରଖିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଜିଲାପାଳ କହିଥିଲେ। ସେହିପରି ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଧାରଣାସ୍ଥଳରେ ପହଞ୍ଚି ଅଣପଞ୍ଜୀକୃତ ହବିଷିଆଳିଙ୍କ ସମସ୍ୟାର ସମାଧାନ ନେଇ ଜିଲା ପ୍ରଶାସନ ସହ ଆଲୋଚନା କରିଥିଲେ।



୫୭ତମ କୁମାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ମନ ମୋହିଲା ନୃତ୍ୟ ସଙ୍ଗୀତ, ନାଟକ

ପୁରୀ,୧୮।୧୦(ଅଜିତ୍ କୁମାର ମହାନ୍ତି)

### ୫୭ତମ କୁମାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

କୁମାର ଉତ୍ସବ ସମିତି ପକ୍ଷରୁ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ୫୭ତମ କୁମାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଶୁକ୍ରବାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଯାଇଛି। ଅନୁଷ୍ଠାନର ସଭାପତି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ବିଷ୍ଣୁ ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, ପୁରୀ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ଅଜିତ୍ ମହାପାତ୍ର ଏବଂ ସରପଞ୍ଚ ନିରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଭାସ୍କର୍ଯ୍ୟ ଶିଳ୍ପୀ ଶ୍ରୀଧର ଦାସଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଉପଦେଷ୍ଟା ମନୋଜ ରଥ, ସରସ୍ୱତୀ ପାତ୍ର, ରତନ କୁମାର ଦାସ, ବିଦ୍ୟୁଲତା ଆଚାର୍ଯ୍ୟ, ଗୌରୀଶଙ୍କର ସାମନ୍ତରାୟ, କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ଚକ୍ରଧର ମହାପାତ୍ର, ଅମରେନ୍ଦ୍ର ପାଇକରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲୋକନୃତ୍ୟ, ସମ୍ବଲପୁରୀ ନାଚ ସହ ବିଭିନ୍ନ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେହିପରି ଓଡ଼ିଆ ଚଳଚ୍ଚିତ୍ର 'ଆଭା'ର ସ୍କ୍ରିନ୍ ପ୍ଲେ ହୋଇଥିଲା। ଅଭିନେତା କେଦାର ମିଶ୍ର ଉକ୍ତ ଚଳଚ୍ଚିତ୍ର ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ପରେ ନାଟକ 'ଉତ୍ତରାଧିକାରୀ' ମଞ୍ଚସ୍ଥ ହୋଇଥିଲା। ଭରତ କୁମାର ନାୟକ ଓ ଶ୍ୟାମପ୍ରକାଶ ସେନାପତି ସଭା ପରିଚାଳନା କରିଥିଲେ। ପ୍ରମୋଦ ପଟ୍ଟନାୟକ, ଶୁଭଶ୍ରୀ ଜୟସିଂହ, ମଳୟ ଗଜେନ୍ଦ୍ର, ମନସ୍ୱିତା ସାହୁ, ମୃଣାଳିନୀ ଦାସ, ଶୁଭେନ୍ଦୁ ମହାପାତ୍ର, ସନ୍ତୋଷିନୀ ନାୟକ, ସନ୍ଧ୍ୟାରାଣୀ ସାହୁ, ଚନ୍ଦନ ସାହୁ ଏବଂ ନିଗମ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ସଚେତନତା

ସାକ୍ଷୀଗୋପାଳ,୧୮।୧୦ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଶୁକ୍ରବାର କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ମତ୍ସ୍ୟ ବିଭାଗ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଆତ୍ମା ଅଧ୍ୟକ୍ଷ ମହମ୍ମଦ ଜିକରିଆ, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ନାରାୟଣ ରାଉତରାୟ, ସଭ୍ୟା ବିଷ୍ଣୁପ୍ରିୟା ବରାଳ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ସୂର୍ଯ୍ୟ ନାରାୟଣ ମିଶ୍ର, ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ପରିଡ଼ା, ସହକାରୀ ମତ୍ସ୍ୟ ଅଧିକାରୀ ଲିପିଲତା ଖୁଣ୍ଟିଆ, ଉଦ୍ୟାନବିତ୍ ମନୋରଞ୍ଜନ ସାହୁ, ପ୍ରାଣୀ ଚିକିତ୍ସକ ସୋମନାଥ ବରାଳ ଓ ମୃତ୍ତିକା ସଂରକ୍ଷଣ ଅଧିକାରୀ ମିଲନ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ସେମାନଙ୍କ ବିଭାଗରେ କୃଷକ, ପ୍ରାଣୀପାଳକ ଓ ଜନସାଧାରଣଙ୍କ ନିମନ୍ତେ ସରକାରଙ୍କ ତରଫରୁ ରହିଥିବା ବିଭିନ୍ନ ଯୋଜନା, ରିହାତି, ପରାମର୍ଶ ଓ ସହାୟତା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନା କରିଥିଲେ। ଯୋଗ ଦେଇଥିବା ଶତାଧିକ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ସମସ୍ୟା ସମାଧାନ ନିମନ୍ତେ ପରାମର୍ଶ ପ୍ରଦାନ କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟମିତ ଆସୁନାହାନ୍ତି ଡାକ୍ତର




ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ ଏବଂ ଅନ୍ୟମାନେ ।

କଣାସ,୧୮।୧୦(ବିଭୂତି ଭୂଷଣ ତ୍ରିପାଠୀ)

### କଣାସ ରୋଗୀ କଲ୍ୟାଣ ସମିତି ବୈଠକ

କଣାସ ବ୍ଲକର କଣାସଠାରେ ପ୍ରତିଷ୍ଠିତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର କଣାସ ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତଙ୍କ ଅଧ୍ୟକ୍ଷତାରେ ବୈଠକରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା, କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ସାହୁ, କଣାସ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ, ରୋଗୀ କଲ୍ୟାଣ ସମିତିରେ ନୂତନ ଭାବେ ଚୟନ ହୋଇଥିବା ନୀଳାଚଳ ସେବା ପ୍ରତିଷ୍ଠାନର ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ଗଜେନ୍ଦ୍ର, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ସାମାଜିକ କର୍ମୀ ଶ୍ରୀକାନ୍ତ ପାଟଯୋଷୀ, କରୁଣାକର ଜେନା, ସୁଶାନ୍ତ କୁମାର ନରେନ୍ଦ୍ର ଏବଂ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ।

କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ମନ୍ଦାରବସ୍ତ, ବୀରକେଶରପୁର, ସାହୁପଡ଼ା, ଗଡ଼ିଶାଗୋଦା, ନନ୍ଦିଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ଡାକ୍ତରମାନେ ନିୟମିତ ଆସୁ ନ ଥିବା, ଡାକ୍ତରଖାନା ଖୋଲୁ ନ ଥିବା ଅଭିଯୋଗ ହୋଇଥିଲା। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ଡାକ୍ତରମାନେ ପାଳିକରି ଆସୁଥିବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡାକ୍ତରମାନଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେସନ୍‌ରେ ଆଣି କାମ କରିବା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ଡାକ୍ତରମାନଙ୍କୁ ଡେପୁଟେସନ୍‌ରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପ୍ରସାରଣ ପାଇଁ ପୂର୍ବରୁ ବଳକା ଥିବା ୩୫ଲକ୍ଷ ଟଙ୍କା ଓ ଚଳିତ ବର୍ଷ ଆସିଥିବା ଅର୍ଥ ଖର୍ଚ୍ଚ କରିବା ପାଇଁ ଆଲୋଚନା ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ସାକ୍ଷୀଗୋପାଳ ଓ ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ କରାଯିବ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟ ଅଧିକାରୀମାନେ।

ସାକ୍ଷୀଗୋପାଳ,୧୮।୧୦ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତିର ମିଳିତ ବୈଠକ ଶୁକ୍ରବାର ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ. ଦେବାଶିଷ ନାୟକ ଓ ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ. ବିଶ୍ୱଜିତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସାକ୍ଷୀଗୋପାଳ ଡାକ୍ତରଖାନା ଓ ଅଳଗୁମ ଡାକ୍ତରଖାନାର ଉନ୍ନତୀକରଣ, ଅଳଗୁମ ଡାକ୍ତରଖାନାର ନୂତନ ବିଲ୍ଡିଂ ଓ ନୂତନ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ କରାଯିବ ବୋଲି ବିଧାୟକ ମିଶ୍ର ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ଉଭୟ ଡାକ୍ତରଖାନାର ୩୬ ଜଣ ସଭ୍ୟାସଭ୍ୟ ଯୋଗଦେଇଥିଲେ।

# ରିଲିଜ୍ ହେଲା କ୍ଷୁଦ୍ର ଚଳଚ୍ଚିତ୍ର 'ଡାହାଣୀ'

ନିମାପଡ଼ା,୧୮।୧୦(ବିଚିତ୍ରାନନ୍ଦ ସାହୁ)

ପବିତ୍ର ଦଶହରା ଅବସରରେ ନିମାପଡ଼ା ବ୍ଲକ ଅଧୀନ ବାମନାଳ ଦେବୀ ମଣ୍ଡପ ପଡ଼ିଆଠାରେ କେକେ ସିନେ ପ୍ରଡକ୍ସନ ଦ୍ୱାରା ନିର୍ମିତ ନୂଆ କ୍ଷୁଦ୍ର ଚଳଚିତ୍ର 'ଡାହାଣୀ' ରିଲିଜ୍ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ ଯୋଗଦେଇ ଉକ୍ତ ଚଳଚ୍ଚିତ୍ରର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ ଖଟୋଇ, ସରପଞ୍ଚ ସୁରେନ୍ଦ୍ର ସ୍ୱାଇଁ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଚିତ୍ତରଞ୍ଜନ ନନ୍ଦ, ଚଳଚ୍ଚିତ୍ର ଅଭିନେତ୍ରୀ ବିଜୟଲକ୍ଷ୍ମୀ ପ୍ରିୟଦର୍ଶିନୀ, ସଙ୍ଗୀତ ନିର୍ଦ୍ଦେଶକ ମାନସ ଦାଶ, ଅଭିନେତା ସୁବ୍ରତ ଦାଶ ପ୍ରମୁଖ ଯୋଗଦେଇ ଏହି ଚଳଚ୍ଚିତ୍ରର ସଫଳ କାମନା କରିଥିଲେ। ସମାଜରେ ଥିବା ଅନ୍ଧବିଶ୍ୱାସକୁ ଦୂରକରିବା ଓ ସମାଜକୁ ଏକ ସଚେତନତାଶୀଳ ବାର୍ତ୍ତା ଦେବା ଏହି ଚଳଚ୍ଚିତ୍ରର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଇଛି। ଏହି ଚଳଚ୍ଚିତ୍ରର କାହାଣୀ ବେଶ ଉଚ୍ଚକୋଟୀର ହୋଇଥିବା ଦର୍ଶକମାନେ କହିଛନ୍ତି। ଚଳଚ୍ଚିତ୍ରଟି ନିମାପଡ଼ା ଓ ବାମନାଳ ଆଦି ଅଞ୍ଚଳରେ ଶୁଟିଂ ହୋଇଥିବା ପ୍ରଡକ୍ସନ ସଂସ୍ଥା ପକ୍ଷରୁ କୁହାଯାଇଛି। ଏହି ଚଳଚ୍ଚିତ୍ରଟି ବାମନାଳଠାରେ ରିଲିଜ୍ ଓ ଶୁଭାରମ୍ଭ ହେବା ପରେ ଦେବୀ ମଣ୍ଡପ ପଡ଼ିଆଠାରେ ବଡ଼ ଏଲ୍‌ଇଡି ସ୍କ୍ରିନ ମାଧ୍ୟମରେ ହଜାର ହଜାର ଦର୍ଶକ ଏହି ଚଳଚ୍ଚିତ୍ରଟିକୁ ଉପଭୋଗ କରି ଏହି ସଚେତନତାଧର୍ମୀ କ୍ଷୁଦ୍ର ଚଳଚ୍ଚିତ୍ରଟି ବେଶ୍ ମନଛୁଆଁ, ଉଚ୍ଚକୋଟୀର ହୋଇଥିବା କହିଛନ୍ତି। ନିମାପଡ଼ା ମାଟିରେ ଏହି ଚଳଚ୍ଚିତ୍ର ନିର୍ମିତ ହୋଇଥିବାରୁ ଏହା ନିମାପଡ଼ା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଅତିଥି ଓ ଦର୍ଶକମାନେ ମତପ୍ରକାଶ କରିଛନ୍ତି। ଚଳଚ୍ଚିତ୍ରଟି ଦର୍ଶକଙ୍କ ମହଲରେ ବେଶ୍ ଆଦୃତ ହେବ ବୋଲି ଅଭିନେତ୍ରୀ, ଅଭିନେତାମାନେ କହିଛନ୍ତି। ରିଲିଜ୍ ସମାରୋହରେ ବହୁ କଳାକାର, ଶିଳ୍ପୀ, ଅଭିନେତା, ଅଭିନେତ୍ରୀ ଓ ସ୍ଥାନୀୟ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଯୋଗଦେଇଥିଲେ।



ଡାହାଣୀ ଚଳଚ୍ଚିତ୍ର ରିଲିଜ ଅବସରରେ ଅତିଥି ଏବଂ ଅନ୍ୟମାନେ ।

# ୟୁକୋ ବ୍ୟାଙ୍କ ପକ୍ଷରୁ ଏପିୱାଇ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ପୁରୀ,୧୮।୧୦(ଅଜିତ୍ କୁମାର ମହାନ୍ତି):

ଅଟଳ ପେନ୍‌ସନ୍ ଯୋଜନା (ଏପିୱାଇ)ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପେନ୍‌ସନ୍ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ (ପିଏଫ୍‌ଆରଡିଏ) ପକ୍ଷରୁ ୟୁକୋ ବ୍ୟାଙ୍କ, ଆବାହକ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି (ଏସ୍‌ଏଲ୍‌ବିସି) ଆନୁକୂଲ୍ୟରେ ଏକ ହୋଟେଲରେ ଶୁକ୍ରବାର ରାଜ୍ୟସ୍ତରୀୟ ଅଟଳ ପେନ୍‌ସନ୍ ଯୋଜନା ସମ୍ପର୍କିତ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ବ୍ୟାଙ୍କର ପ୍ରଶାସନିକ ମୁଖ୍ୟ, ଡିଡିଏମ୍ ନାବାର୍ଡ, ସମସ୍ତ ଜିଲାର ଅଗ୍ରଣୀ ଜିଲା ପ୍ରବନ୍ଧକ, ବର୍ତ୍ତମାନ ତଥା ସମ୍ଭାବ୍ୟ ଅଟଳ ପେନ୍‌ସନ୍ ହିତାଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ୟୁକୋ ବ୍ୟାଙ୍କ ମହାପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ଆବାହକ ଗୌତମ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପେନ୍‌ସନ୍ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ (ପିଏଫ୍‌ଆରଡିଏ) ଅଧ୍ୟକ୍ଷ ଡ. ଦୀପକ ମହାନ୍ତି ଅସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଇଁ ପେନ୍‌ସନ୍‌ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାରେ କାର୍ଯ୍ୟ କରୁଥିବା ସମସ୍ତ ବ୍ୟାଙ୍କ ସେମାନଙ୍କ ଅଟଳ ପେନ୍‌ସନ୍ ଯୋଜନା ପଞ୍ଜୀକରଣ କ୍ଷେତ୍ରରେ ଉନ୍ନତି ଆଣିବାକୁ ସେ ପରାମର୍ଶ ଦେଇଛନ୍ତି। ପୁରୀ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଅସଂଗଠିତ କ୍ଷେତ୍ରରେ ଲୋକଙ୍କ ଉନ୍ନତି ପାଇଁ ମନୋଭାବ, ଦକ୍ଷତା ଓ ଜ୍ଞାନର ମିଶ୍ରଣ ଉପରେ ଧ୍ୟାନ ଦେବାକୁ ସମସ୍ତ ଅଂଶୀଦାରଙ୍କୁ କହିଥିଲେ। ଏସ୍‌ବିଆଇ ସିଜିଏମ୍ ଦୀନେଶ ପରୁଥି ସାମାଜିକ ନିରାପତ୍ତା ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପ୍ରତି ଏସ୍‌ବିଆଇର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଏପିୱାଇର ପ୍ରଚାର ପାଇଁ ସେ ସମସ୍ତ ଅଂଶୀଦାରଙ୍କୁ ପରାମର୍ଶ ଦେଇଥିଲେ। ପିଏଫ୍‌ଆରଡିଏର ସିଜିଏମ୍ ପ୍ରବେଶ କୁମାର ଓଡ଼ିଶାରେ ଏପିୱାଇର ଉଚ୍ଚ ସମ୍ଭାବନା ସମ୍ପର୍କରେ କହିଥିଲେ। ଏହି ଅବସରରେ ୫ଟି ଅଗ୍ରଣୀ ଜିଲା ପ୍ରବନ୍ଧକ ଓ ୬ଟି ବ୍ୟାଙ୍କକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏପିୱାଇରେ ଉଲ୍ଲେଖନୀୟ ସଫଳତା ପାଇଁ ୮ଟି ବ୍ୟାଙ୍କ ଓ ୨୦ଟି ଅଗ୍ରଣୀ ଜିଲା ପ୍ରବନ୍ଧକଙ୍କୁ ପ୍ରୋଟୋଟାଇପ୍ ପ୍ରାନ୍ କାର୍ଡ ପ୍ରଦାନ କରାଯାଇଥିଲା। ପିଏଫ୍‌ଆରଡିଏର ଡିଜିଏମ୍ ପ୍ରିୟଙ୍କା ଗୁପ୍ତା ଏପିୱାଇର ପିପିଟି ଉପସ୍ଥାପନ କରି ଓଡ଼ିଶାରେ ଏହାର ପ୍ରଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଏସ୍‌ଏଲ୍‌ବିସି ପ୍ରଭାରୀ ଲିଙ୍ଗରାଜ ନାୟକ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

## ସଂକ୍ଷେପରେ

### ଦାମୋଦର ରାଉତଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉତ୍ସବ

ବାରଙ୍ଗ,୧୮।୧୦(ଲିଙ୍ଗରାଜ ରାଉତ)– ପୂର୍ବତନ ସରପଞ୍ଚ ଦାମୋଦର ରାଉତଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉତ୍ସବ ମଧୁପୁର ପଞ୍ଚାୟତ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ରାଉତ ସରପଞ୍ଚ ଥିବା ସମୟରେ ଯେଉଁଭଳି ଭାବେ ଜନହିତକର କାର୍ଯ୍ୟକରି ଯାଇଛନ୍ତି ସେଥିପାଇଁ ଆଜି ବି ଲୋକେ ତାଙ୍କୁ ଝୁରୁଛନ୍ତି ବୋଲି କହିଥିଲେ। ଦାମୋଦର ରାଉତ ମେମୋରିଆଲ୍ ଫାଉଣ୍ଡେଶନର ସଭାପତି ବିଜୟ କୁମାର ପଣ୍ଡା, ସମ୍ପାଦକ ସୁରେଶ ମହାନ୍ତି, ଡ. ସୁଶିଲ କୁମାର ପଟ୍ଟନାୟକ, ଏସିପି ପ୍ରଦୀପ କୁମାର ରାଉତ, ବାରଙ୍ଗ ଥାନାଧିକାରୀ ବିଶ୍ୱରଞ୍ଜନ ନାୟକ, ମନ୍ମଥ ପାଣି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେଶନର ସମ୍ପାଦକ ସୁରେଶ ମହାନ୍ତି ପରିଚାଳନା କରିଥିବା ବେଳେ ସଦସ୍ୟ ଅଭୟ କୁମାର ଦାସ ଧନ୍ୟବାଦ ଦେଇଥିଲେ।

### ବୁଲେଟ୍ ଧକ୍କାରେ ସାଇକେଲ ଚାଳକ ଗୁରୁତର

ବାରଙ୍ଗ,୧୮।୧୦(ଲିଙ୍ଗରାଜ ରାଉତ)– ଫକୀରପଡ଼ା ଛକରେ ବୁଲେଟ୍ ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ସକାଳେ ଫକୀରପଡ଼ା ଗ୍ରାମ ଭୋଇସାହିର ବସନ୍ତ ଭୋଇ (୫୫) ନାମକ ଜଣେ ବ୍ୟକ୍ତି ଘରୁ ତ୍ରିଶୂଳିଆ ବଜାରକୁ ସାଇକେଲ ଯୋଗେ ଯାଉଥିଲେ। ଫକୀରପଡ଼ା ଛକରେ ଏକ ବୁଲେଟ୍ ପଛପଟୁ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବସନ୍ତଙ୍କ ଡାହାଣଗୋଡ଼ ଉପରେ ବୁଲେଟ ଚଢ଼ିଯିବାରୁ ଗୋଡ଼ଟି ଭାଙ୍ଗିଯାଇ ଗୁରୁତର ହୋଇଥିଲେ। ଦୁର୍ଘଟଣା ଘଟାଇ ଖସି ପଳାଉଥିବା ବୁଲେଟ୍‌କୁ ସ୍ଥାନୀୟ ଲୋକେ ଅଟକାଇଥିଲେ। ଗୁରୁତର ବସନ୍ତଙ୍କୁ କଟକ ବଡ଼ ମେଡିକାଲ୍‌କୁ ପଠାଯାଇଥିଲା। ଏହି ସମୟରେ କୌଶଳକ୍ରମେ ବୁଲେଟ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# ଟ୍ରେନ୍‌ରେ ବାଣ ପରିବହନ କଲେ ଜେଲ

## କଟକଣା ଲଗାଇ ଯାତ୍ରୀଙ୍କ ସହଯୋଗ ଲୋଡ଼ିଲା ପୂର୍ବତଟ ରେଳପଥ

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ଦୀପାବଳି ପାଖେଇ ଆସୁଥିବାରୁ ବାଣଜନିତ ସମ୍ଭାବ୍ୟା ବିପଦକୁ ଏଡାଇବା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଟ୍ରେନରେ ବାଣ ଓ ଅନ୍ୟାନ୍ୟ ଦହନଶୀଳ ସାମଗ୍ରୀର ବେଆଇନ ପରିବହନକୁ ବାରଣ କରାଯାଇଛି। ଯାତ୍ରୀ ପରିବହନ କରୁଥିବା ଟ୍ରେନ୍‌ରେ ବାଣ, ଗ୍ୟାସ ସିଲିଣ୍ଡର, ଏସିଡ୍, ପେଟ୍ରୋଲ, କିରୋସିନ ଆଦି ଦହନଶୀଳ ସାମଗ୍ରୀ ପରିବହନ କରିବା ରେଳପଥ ଅଧିନିୟମ ୧୯୮୯ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଏଥିପାଇଁ ୩ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ହୋଇପାରେ। ଟ୍ରେନ ଯାତ୍ରାକୁ ସୁରକ୍ଷିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନରେ ଯାତ୍ରୀଙ୍କ ସହଯୋଗ ମଧ୍ୟ ଲୋଡ଼ାଯାଇଛି। ଯାତ୍ରୀମାନେ ଏଥିପ୍ରତି ସଜାଗ ରହିବାକୁ କୁହାଯାଇଛି। ଏ ସଂକ୍ରାନ୍ତ ନିୟମ ଉଲ୍ଲଂଘନ ହେଉଥିବା ନଜରକୁ ଆସିଲେ ରେଳ ସୁରକ୍ଷା ବଳ (ଆର୍‌ପିଏଫ) କର୍ମଚାରୀ, ସରକାରୀ ରେଳ ପୋଲିସ, ଟିଟିଇ, କୋଚ୍ ସେବକ ଓ




ଷ୍ଟେଶନ ପରିଚାଳକଙ୍କ ସମେତ ଅନ୍‌ବୋର୍ଡ କର୍ମଚାରୀଙ୍କୁ ସୂଚନା ଦେବାପାଇଁ ପରାମର୍ଶ ଦିଆଯାଇଛି। ଏଥିସହ ରେଳପଥର ହେଲ୍ପ ଲାଇନ ନଂ.୧୩୯କୁ କଲ୍ କରି ଜଣାଇବାକୁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି। ଏହି ସୁରକ୍ଷା ବ୍ୟବସ୍ଥା ସହିତ ପୂର୍ବତଟ ରେଳପଥ ରେଳ ଷ୍ଟେଶନଗୁଡ଼ିକରେ ସର୍ବସାଧାରଣ ଘୋଷଣା ମାଧ୍ୟମରେ ଯାତ୍ରୀମାନଙ୍କୁ ଅଗ୍ନି ନିର୍ବାପକ ବିପଦ ବିଷୟରେ ସଚେତନ କରୁଛି। ପାର୍ସଲ ଭ୍ୟାନରେ ଲୋଡ୍ ହୋଇଥିବା ପାର୍ସଲ ଏବଂ ଲଗେଜଗୁଡ଼ିକର ନିରାପଦ ପରିଚାଳନାକୁ ସୁନିଶ୍ଚିତ କରିବା ଉପରେ ମଧ୍ୟ ସ୍ୱତନ୍ତ୍ର ଦଳ ଧ୍ୟାନ ଦେଉଛି। ନିରାପତ୍ତା ବୃଦ୍ଧି କରାଇବା ପାଇଁ ଟ୍ରେନ ଏସ୍‌କର୍ଟିଙ୍ଗ ଟିମ୍ ଏବଂ ମେରୀ ସହେଲି ଦଳକୁ ଉଭୟ ଯାତ୍ରୀବାହୀ ଟ୍ରେନ ଓ ଲଗେଜ ଉପରେ କଡା ନଜର ରଖିବା ଦାୟିତ୍ୱ ଦିଆଯାଇଛି।



ପବିତ୍ର କାର୍ତ୍ତିକ ମାସ ଆରମ୍ଭ ହୋଇଥିବାବେଳେ ବ୍ରତଧାରୀ ହବିଷିଆଳିମାନେ ପୁରୁଣା ଭୁବନେଶ୍ୱରର ଏକ ଧର୍ମଶାଳା ପରିସରରେ ବୃନ୍ଦାବତୀଙ୍କୁ ପୂଜା କରୁଛନ୍ତି।

# ଯୁବତୀଙ୍କୁ ଅପହରଣ କରି ମାଡ଼, ଯୁବକ ଗିରଫ

ଭୁବନେଶ୍ୱର,୧୮।୧୦
(ସୂର୍ଯ୍ୟକାନ୍ତ ବେହେରା)

**ବିବାହ କରିବାକୁ ମନା କରିବାରୁ....**

ବିବାହ କରିବାକୁ ମନା କରିବାରୁ ଜଣେ ଯୁବତୀଙ୍କୁ ଅପହରଣ କରିନେଇ ମାଡ଼ ମାରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ଏସ୍‌କେ ବୋନି ଅମିନ। ତାଙ୍କଠାରୁ ଅପରାଧରେ ବ୍ୟବହୃତ ବୁଲେଟକୁ ଜବତ କରାଯାଇଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ପୀଡିତା ଯୁବତୀ ଓ ଅଭିଯୁକ୍ତ ବୋନିଙ୍କ ମଧ୍ୟରେ ଗତ ଚାରିବର୍ଷ ହେବ ପ୍ରେମସମ୍ପର୍କ ଥିଲା। ବୋନିଙ୍କୁ ବିବାହ କରିବା ଲାଗି ପୀଡିତା ତାଙ୍କ ଘରେ ଜଣାଇ ଥିଲେ ମଧ୍ୟ ଘର ଲୋକେ ଏଥିରେ ରାଜି ହୋଇ ନ ଥିଲେ। ଫଳରେ ପୀଡିତା ଜଣକ ଏନେଇ ପ୍ରେମିକ ବୋନିଙ୍କୁ ଜଣାଇବା ସହ ସମ୍ପର୍କ ନ ରଖିବା ଲାଗି କହିଥିଲେ। ଏଥିରେ ସେ ପ୍ରତିଶୋଧପରାୟଣ ହୋଇ ଗତ ୧୪ ତାରିଖ ରାତିରେ ପୀଡିତା ଶ୍ରିୟା ଛକରେ ଥିବା ଏକ ଜଳଖିଆ ଦୋକାନରୁ ଘରକୁ ଫେରୁଥିବାବେଳେ ତାଙ୍କୁ ଅପହରଣ କରିନେଇଥିଲେ। ତାଙ୍କୁ ବିବାହ ପାଇଁ ଘରେ ମନାଇବା ଲାଗି ଚାପ ପକାଇବା ସହିତ ତାଙ୍କୁ ମାଡ଼ ମାରିଥିଲେ। ପୀଡିତା ଏହାର ବିରୋଧ କରିବାରୁ ଅଭିଯୁକ୍ତ ବୋନି ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ।

## ଓଡ଼ିଆ ସଂସ୍କୃତି ମଞ୍ଚ ତରଫରୁ ବୈଷ୍ଣବ ପାଣି ଜୟନ୍ତୀ

ଭୁବନେଶ୍ୱର,୧୮।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ସଂସ୍କୃତି ମଞ୍ଚ ପକ୍ଷରୁ ଭୁବନେଶ୍ୱରସ୍ଥିତ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଗଠନ (ଯୁଟିଆ) କାର୍ଯ୍ୟାଳୟ ପରିସରରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୨ତମ ଜୟନ୍ତୀ ଏବଂ ଡ. ମାୟାଧର ମାନସିଂହଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଯୁଟିଆ ସଭାପତି ଡ. ଉପେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଗଣଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ. ଶରତ କୁମାର ବିଶ୍ୱାଳ, ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ବିଶିଷ୍ଟ ଆଧ୍ୟାତ୍ମିକ ଗ୍ରନ୍ଥକାର ଶ୍ରୀସନ୍ନ୍ୟାସୀ ଜୀ, ଡ. କାର୍ତ୍ତିକ ଚନ୍ଦ୍ର ପୃଷ୍ଟି, ଡ. ନାରାୟଣ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶବିତ୍ ଡ. ଅର୍ଜୁନ କୁମାର ବିଶ୍ୱାଳ ଅତିଥି ପରିଚୟ ଓ ଶିକ୍ଷାବିତ ସର୍ବାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ସ୍ଥଗିତ

ଖୁଣ୍ଟୁଣୀ,୧୮।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ–ରମ୍ପେଇ ଗ୍ରାମର ଏକମାତ୍ର ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ସ୍ଥଗିତ ରହିଛି। ଉକ୍ତ ଜମିକୁ ଜବରଦଖଲମୁକ୍ତ କରିବା ପାଇଁ ଆଠଗଡ଼ ତହସିଲ ପ୍ରଶାସନ ପକ୍ଷରୁ ଗତ ସେପ୍ଟେମ୍ବରରେ ଜବରଦଖଲକାରୀଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଏନେଇ ଜବରଦଖଲକାରୀମାନେ ହାଇକୋର୍ଟରୁ ରହିତାଦେଶ ଆଣିଛନ୍ତି। ଫଳରେ ଜବରଦଖଲ ଉଚ୍ଛେଦ ସ୍ଥଗିତ ରହିଛି।

## ଆନ୍ଦୋଳନ ଚେତାବନୀ ଦେଲା ଓଡ଼ିଶା ଫରେଷ୍ଟ ଉଡ୍ ଏଗ୍ରିକଲ୍‌ଚର ଆଣ୍ଡ୍ ବିଲ୍ଡିଂ କନ୍‌ଷ୍ଟ୍ରକ୍ସନ୍ ୱାର୍କର୍ସ ୟୁନିୟନ




ବୈଠକରେ ସଂଘ ସଭାପତି ସୁର ଜେନାଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୧୮।୧୦ (ବନ୍ଦନା ସେଠୀ)

ଓଡ଼ିଶା ଫରେଷ୍ଟ ଉଡ୍ ଏଗ୍ରିକଲଚର ଆଣ୍ଡ୍ ବିଲ୍ଡିଂ କନ୍‌ଷ୍ଟ୍ରକ୍ସନ୍ ୱାର୍କର୍ସ ୟୁନିୟନ ରାଜ୍ୟ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ, ନବୀକରଣ, ବିଭିନ୍ନ ସହାୟତା ପ୍ରାପ୍ୟ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପ୍ରଦାନ, ନିର୍ମାଣ ଶ୍ରମିକ ପୋର୍ଟାଲରେ ତ୍ରୁଟି ଦୂର କରିବା ଆଦି ବିଭିନ୍ନ ଉପରେ ଆଲୋଚନା ହୋଇଥିଲା। ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ତଥା ସଂଘ ସାଧାରଣ ସମ୍ପାଦକ ବିଜୟ ଜେନା ବିଭିନ୍ନ ସମସ୍ୟାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। କଲ୍ୟାଣ ବୋର୍ଡ ଗଠନ କରି ସମସ୍ୟାର ଆଶୁ ସମାଧାନ କରା ନ ଗଲେ ରାଜ୍ୟବ୍ୟାପୀ ବ୍ୟାପକ ନିର୍ମାଣ ଶ୍ରମିକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ବୈଠକରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ସଂଘର ଉପସାଧାରଣ ସମ୍ପାଦକ ସୋମନାଥ ଗିରି, ଦେବାଶିଷ ବାବୁ, ପ୍ରବୀର କୁମାର କର୍ମ, କାହ୍ନୁ ଚରଣ ବେହେରା, କରୁଣାକର ମହାରଣା, ସୁନୀଲ ମହାନ୍ତି, ଦେବେନ୍ଦ୍ର ଓ ମଦନ ଓଝା ପ୍ରମୁଖ ଉପସ୍ଥିତ ଥିଲେ।




ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ପୁଣ୍ୟତିଥିରେ ଶୁକ୍ରବାର ରାଜଭବନ ସମ୍ମୁଖ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# 'ମଧୁଲିତା'ର ପୂଜା ବିଶେଷାଙ୍କ ଉନ୍ମୋଚିତ




ଭୁବନେଶ୍ୱର,୧୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ମଧୁଲିତା ପତ୍ରିକା ପକ୍ଷରୁ ଗୁରୁବାର ବୁଦ୍ଧମନ୍ଦିର ପରିସରରେ ବାର୍ଷିକ ବନ୍ଧୁମିଳନ ଓ ପୂଜା ବିଶେଷାଙ୍କ ଉନ୍ମୋଚିତ ହୋଇଯାଇଛି। କବି ତଥା ଲେଖକ ନିରାକାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମ୍ମାନିତ ଅତିଥି ଜ୍ୟୋତିଷଶାସ୍ତ୍ରୀ ସୁଚିତ୍ରା ଗୁପ୍ତା ଓ ଡ. ସ୍ୱର୍ଣ୍ଣଲତା ପରିଡା, ମୁଖ୍ୟବକ୍ତା ଭାବେ ଦୂରଦର୍ଶନର ସମ୍ବାଦ ପାଠିକା କଳ୍ପନା ମିଶ୍ର ଯୋଗଦେଇଥିଲେ। 'ମଧୁଲିତା'ର ପ୍ରତିଷ୍ଠାତା ମଧୁଲିତା ପରିଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଗାଳ୍ପିକା ଅବନ୍ତୀ ବେହେରା ଯୋଗଦେଇଥିବା ବେଳେ ଗାଳ୍ପିକା ରଶ୍ମି ସାମଲ ଅଧ୍ୟକ୍ଷତା ଓ କବି କ୍ଷଣପ୍ରଭା ଷଡ଼ଙ୍ଗୀ ସଂଯୋଜନା କରିଥିଲେ। କବି ମନୋରଞ୍ଜନ ଷଡ଼ଙ୍ଗୀ, ଡ. ଉମେଶ ଚନ୍ଦ୍ର ପାଣିଗ୍ରାହୀ, କବି ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ସାହିତ୍ୟିକା ଡ. ବସନ୍ତ ମହାନ୍ତି ଓ ଗୌତମ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଧନ୍ୟବାଦ ପ୍ରଦାନ କରିଥିଲେ ସାମ୍ବାଦିକା ଦୀପ୍ତିମୟୀ ରାଉତ।

# ଭାରତ ଇତିହାସରେ ଜାତୀୟ ଆନ୍ଦୋଳନ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ

ଭୁବନେଶ୍ୱର,୧୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଭାରତୀୟ ଜାତୀୟ ଅଭିଲେଖାଗାରର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱରର ସପ୍ତମ ମାସିକ ଆଲୋଚନାଚକ୍ର ଶୁକ୍ରବାର ଅଭିଲେଖାଗାରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜସ୍ଥାନର ଆଜ୍‌ମିରସ୍ଥିତ ଆଞ୍ଚଳିକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଇତିହାସ ବିଭାଗର ପ୍ରଫେସର ପ୍ରୀତୀଶ ଆଚାର୍ଯ୍ୟ ଯୋଗଦେଇ 'ଭାରତୀୟ ଜାତୀୟ ଆନ୍ଦୋଳନର ପ୍ରାସଙ୍ଗିକତା' ଉପରେ ଆଲୋଚନା କରିଥିଲେ। ସେ କହିଥିଲେ, ଭାରତ ଇତିହାସରେ ଭାରତୀୟ ଜାତୀୟ ଆନ୍ଦୋଳନ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଥିଲା। ଏହି ଆନ୍ଦୋଳନ ଭାରତକୁ ଅଧିକ ଶକ୍ତିଶାଳୀ କରିଥିଲା ଓ ଶେଷରେ ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତି ମିଳିଲା।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଭାରତର ସ୍ୱାଧୀନତା ଆନ୍ଦୋଳନ ପ୍ରାୟ ୧୦୦ ବର୍ଷ ଧରି ଚାଲିଥିଲା। ଏହା ୧୮୫୭ ମସିହାରେ ସିପାହୀ ବିଦ୍ରୋହରୁ ଆରମ୍ଭ ହୋଇ ୧୯୪୭ ଅଗଷ୍ଟ ୧୫ରେ ଶେଷ ହୋଇଥିଲା। ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ତଥା ଭାରତ ଛାଡ ଆନ୍ଦୋଳନ ଭାରତୀୟ ମୁକ୍ତି ସଂଗ୍ରାମକୁ ଅଧିକ କ୍ରିୟାଶୀଳ କରିଥିଲା। ଅହିଂସା ଅସହଯୋଗର ଅସ୍ତ୍ରରେ ଭାରତୀୟ ଗଣତନ୍ତ୍ର କେବେ ଦୁର୍ବଳ ହୋଇନାହିଁ ଓ ଉକ୍ତ ଜାତୀୟ ଆନ୍ଦୋଳନରେ ଭାରତର ଜନଜାତି ତଥା କୃଷକଙ୍କ ଭୂମିକା ଅଧିକ ଥିଲା ବୋଲି ପ୍ରଫେସର ଆଚାର୍ଯ୍ୟ ମତପୋଷଣ କରିଥିଲେ। ଅଭିଲେଖାଗାରର ସହନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର ଅଧ୍ୟକ୍ଷତା କରି କହିଲେ, ଇତିହାସ ହେଉଛି ଗୋଟିଏ ଜାତିର ମାନ ଓ ପ୍ରମାଣ, ଯାହା ଅଭିଲେଖାଗାର ଦ୍ୱାରା ସତ୍ୟ ପ୍ରମାଣିତ ହୋଇଥାଏ। ଅଭିଲେଖାଗାରର ଉପଯୁକ୍ତ ନିର୍ଭୁଲ୍ ତଥ୍ୟ ଇତିହାସକୁ କଳଙ୍କମୁକ୍ତ କରିବାରେ ସାହାଯ୍ୟ କରିଥାଏ। ଇତିହାସର ବିଭିନ୍ନ ସୋପାନରେ ହଜିଯାଉଥିବା ଘଟଣାର ଉପଯୁକ୍ତ ରକ୍ଷଣାବେକ୍ଷଣ ତଥା ବୈଜ୍ଞାନିକ ପଦ୍ଧତିରେ ଏହାର ସଂରକ୍ଷଣ ଏକ ସମ୍ପଦ ବୋଲି ଡ. ମିଶ୍ର କହିଥିଲେ। ରାମଚନ୍ଦ୍ର କରଣ ଧନ୍ୟବାଦ ପ୍ରଦାନ କରିଥିଲେ।



ଜଳ, ଜମି, ଜଙ୍ଗଲ ବଞ୍ଚାଅ ଆଦି ୨୫ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ କଳାହାଣ୍ଡି ଗୋଲାମୁଣ୍ଡାରୁ ପଦଯାତ୍ରାରେ ଆସିଥିବା ଜନସଂଗ୍ରାମ ସମିତିର କର୍ମକର୍ତ୍ତାମାନେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେଇଛନ୍ତି।




ସମାନ କାମକୁ ସମାନ ଦରମା ଓ ସ୍ଥାୟୀ ଚାକିରି ଦାବି କରି ଓଡ଼ିଶା ଷ୍ଟେଟ୍ ଇଲେକ୍ଟ୍ରିସିଟି ଏମ୍ପ୍ଲଇଜ୍ ଫେଡେରେଶନ, ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ଏବଂ ଓଡ଼ିଶା ପାୱାର ଏମ୍ପ୍ଲଇଜ୍ ୟୁନିୟନ ପକ୍ଷରୁ ଗଠିତ କୋ-ଅର୍ଡିନେଶନ କମିଟିରରାଜଭବନ ନିକଟ ଟିପିସିଓଡିଏଲ୍ ଅଫିସ୍ ସମ୍ମୁଖରେ ଧାରଣା।

# ଜମିରେ ପାଣି ନାହିଁ, ଚିନ୍ତାରେ ଚାଷୀ

ବେଗୁନିଆ,୧୮।୧୦(ହର ପ୍ରସନ୍ନ ପଣ୍ଡା)



**ବେଗୁନିଆ ବ୍ଲକ୍‌ରେ ଧାନଫସଲ ନଷ୍ଟ ଆଶଙ୍କା**

■ମୋଟର ପମ୍ପକୁ ଭରସା, ଜଳସେଚନ ସୁବିଧା ଦାବି

ନିଅଣ୍ଟିଆ ବର୍ଷା ଓ ଜଳସେଚନ ସୁବିଧା ନ ଥିବାରୁ ବେଗୁନିଆ ବ୍ଲକ ଅଞ୍ଚଳରେ ଧାନଫସଲ ନଷ୍ଟ ନେଇ ଆଶଙ୍କା ପ୍ରକାଶ ପାଇଛି। ଉଚ୍ଚା ଜମି ଫାଟି ଆଁ କଲାଣି। ଆଗାମୀ ଦିନରେ ବର୍ଷା ନ ହେଲେ ଚାଷୀଙ୍କ ଚିନ୍ତା ଦ୍ୱିଗୁଣିତ ହେବ। ଅନ୍ୟପଟେ କେତେଜଣ ଚାଷୀ ମୋଟର ପମ୍ପ ଦ୍ୱାରା ଜମିରେ ପାଣି ମଡ଼ାଉଥିବା ଦେଖିବାକୁ ମିଳିଛି। ସୂଚନାଥାଉ କି, ବେଗୁନିଆ ବ୍ଲକ ଅଞ୍ଚଳରେ ୮୦ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭରଶୀଳ। ଚଳିତ ଖରିଫ ଋତୁରେ ଏହି ବ୍ଲକ ଅଞ୍ଚଳରେ ପ୍ରାୟ ୧୪ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଧାନଚାଷ କରାଯାଇଛି। ଏବେ ଧାନଫସଲର ଥୋଡ଼ ସମୟ ଆସିଛି। ଆଉ କିଛିଦିନ ପରେ ଫସଲ ଅମଳ ହୋଇଥାନ୍ତା। ହେଲେ ନିଅଣ୍ଟିଆ ବର୍ଷା ଯୋଗୁ ଉଚ୍ଚଜମିର ମାଟି ଆଁ କଲାଣି। ମାତ୍ରାଧିକ ଖରା ଯୋଗୁ ଧାନ ଥୋଡ଼ ଶୁଖିଯାଉଛି। ଫସଲ ବଞ୍ଚାଇବା ପାଇଁ କେତେଜଣ ଚାଷୀ ମୋଟର ପମ୍ପରେ ଜମିକୁ ପାଣି ମଡ଼ାଉଛନ୍ତି। ଫଳରେ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଅନ୍ୟପକ୍ଷରେ ଜଳସେଚନ ବ୍ୟବସ୍ଥା ବେଗୁନିଆ ବ୍ଲକ ଅଞ୍ଚଳର ଚାଷୀଙ୍କ ପାଇଁ ସାତସପନ ପାଲଟିଛି। କୃଷି ବିଭାଗର କାଗଜପତ୍ରରେ ପ୍ରାୟ ୨୦ପ୍ରତିଶତ ଜମିରେ ପାଣି ମାଡୁଥିବା ଦର୍ଶାଯାଇଛି। ହେଲେ ବ୍ଲକ ଅଞ୍ଚଳରେ ୭ ପ୍ରତିଶତ ବ୍ୟବସ୍ଥା ହୋଇଛି ବୋଲି ଏକ ବେସରକାରୀ ସଂସ୍ଥା ଅନୁଧ୍ୟାନରୁ ଆକଳନ କରାଯାଇଛି। ସେହିପରି ସରକାରଙ୍କ ପକ୍ଷରୁ ରିଭର ଲିଫ୍ଟ, ବୋର୍ ପଏଣ୍ଟ, ଆଡ଼ିବନ୍ଧ ମାଧ୍ୟମରେ କିଛି ଚାଷଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇଛି। ତେବେ ବିଭିନ୍ନ କାରଣରୁ ତାହା ଚାଷୀଙ୍କ ହିତରେ ଲାଗୁନାହିଁ। ଖରିଫ ଋତୁରେ ଧାନ ଓ ଅଣଧାନ ଚାଷ ପାଇଁ କେବଳ ବର୍ଷା ଭରସା ପାଲଟିଛି। ଯଦି ସ୍ଥାୟୀ ଜଳସେଚନ ବ୍ୟବସ୍ଥା ହୋଇଥାନ୍ତା ତେବେ ଧାନଫସଲ ନଷ୍ଟ ହୋଇ ନ ଥାନ୍ତା ବୋଲି ଚାଷୀ ସଙ୍ଗଠନ ଓ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏଥିଲାଗି ମଧ୍ୟ କୃଷି ଓ ଜଳସେଚନ ବିଭାଗକୁ ଦାୟୀ କରିଛନ୍ତି ସଙ୍ଗଠନର ସଭ୍ୟ ମଦନମୋହନ ସାହୁ, ଅକ୍ଷୟ ରଥ, ଚାଷୀ ପ୍ରସନ୍ନ ମହାପାତ୍ର ଏବଂ ଶିବ ମୁନି। ଅନ୍ୟପଟେ ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କହିଛନ୍ତି, ସମ୍ପ୍ରତି ବର୍ଷା ଅଭାବ ଏବଂ ଗ୍ରୀଷ୍ମପ୍ରବାହ ଯୋଗୁ ଆଗାମୀ ଦିନରେ ଧାନଫସଲ ଉପରେ ପ୍ରଭାବ ପଡ଼ିବ। କିନ୍ତୁ ଏବେସୁଦ୍ଧା କୌଣସି ଅସୁବିଧା ହୋଇନାହିଁ।

## ସଂକ୍ଷେପରେ

### ୩ ବେଆଇନ କରତକଳ ଉପରେ ଚଢ଼ାଉ

୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରାଂଶ ଜବତ

ଗୋପ,୧୮।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବନବିଭାଗ ଅଧୀନ ୩ଟି ବେଆଇନ କରତକଳ ଉପରେ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ୫୦ରୁ ଊର୍ଦ୍ଧ୍ୱ ବନବିଭାଗ ଅଧିକାରୀ ଓ କର୍ମଚାରୀ ନିୟୋଜିତ ଥିବାବେଳେ ପୁରୀ ଜିଲା ଉପଖଣ୍ଡ ଅଧିକାରୀ ଅଶୋକ କୁମାର ବେହେରା ଓ ଗୋପ ବନବିଭାଗ ଦାୟିତ୍ୱରେ ଥିବା କୋଣାର୍କ ରେଞ୍ଜର ସୁଦର୍ଶନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଗୋପ ବନବିଭାଗ ଅନ୍ତର୍ଗତ ଜଗାରାରେ ଥିବା ୨ ଗୋଟି ଓ ବେଗୁନିଆ ବାଲିକନ୍ଦ ନିକଟରେ ଥିବା ଗୋଟିଏ ବେଆଇନ କରତକଳ ଉପରେ ଚଢ଼ାଉ କରାଯାଇ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରାଂଶ ଜବତ କରାଯାଇଥିବା ବେଳେ ୩ ମାଲିକଙ୍କ ନାମରେ ମଧ୍ୟ ୬, ୭, ୮/୨୪ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଗୋପ ରେଞ୍ଜ ଅଧୀନରେ ୨୫ରୁ ଊର୍ଦ୍ଧ୍ୱ କରତକଳ ରହିଥିବା ବେଳେ କେତେକ କରତକଳ ଦୈନିକ ଚାଲୁଛି। ଫଳରେ ଏହିସବୁ କରତକଳରେ ଶତାଧିକ ଲୋକ ପେଟପାଟଣା ଲାଗି କାମ କରୁଥିବା ବେଳେ ପୁରୁଣା କରତକଳ ମାଲିକମାନେ ସେମାନଙ୍କ ସଂସାର ଚଳାଉଛନ୍ତି। ସୁପ୍ରିମକୋର୍ଟ ୨୦୦୦ ମସିହାରେ ସରକାରୀ ଜଙ୍ଗଲର ୧୦ କି.ମି. ପରିଧି ମଧ୍ୟରେ ରହିଥିବା କରତକଳଗୁଡ଼ିକୁ ବେଆଇନ ଘୋଷଣା କରିଥିଲେ। ଏହା ପରେ ଜଙ୍ଗଲ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ କରାଯାଉଛି। କିଛିଦିନ ହେବ ଗୋପ ଜଙ୍ଗଲ ବିଭାଗର ଜଣେ ଅଧିକାରୀ ବେଆଇନ କରତକଳ ମାଲିକଙ୍କଠାରୁ ମୋଟା ଅଙ୍କର ଅର୍ଥ ନେବା ଅଭିଯୋଗ ଆସିବା ପରେ ଗୋପ ରେଞ୍ଜର ସୁଦର୍ଶନ ଦେହୁରୀ ଜିଲା ବନଖଣ୍ଡ ଅଧିକାରୀ ବିବେକ କୁମାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ତୁରନ୍ତ ବେଆଇନ କରତକଳ ଉପରେ ଚଢ଼ାଉ କରିବା ଲାଗି ଜିଲା ବନଖଣ୍ଡ ଅଧିକାରୀ ବିବେକ କୁମାର ନିର୍ଦ୍ଦେଶ ଦେବାପରେ ଏହି ଚଢ଼ାଉ କରାଯାଇଥିଲା।

### ପରିବା ଦର ଆକାଶଛୁଆଁ

ଖୋର୍ଦ୍ଧା,୧୮।୧୦(ପ୍ରଭାତ ପାଣିଗ୍ରାହୀ)

କାର୍ତ୍ତିକ ମାସରେ ଲୋକେ ନିରାମିଷ ଖାଦ୍ୟ ଗ୍ରହଣ କରିଥାନ୍ତି। ହବିଷିଆଳିମାନେ ଦିନସାରା ଉପବାସ ରହି ଗୋଟିଏ ଓଳି ହବିଷ ଅନ୍ନ ଗ୍ରହଣ କରିଥାନ୍ତି। ହବିଷ ଅନ୍ନ ଲାଗି ବିଭିନ୍ନ ପନିପରିବା ଆବଶ୍ୟକ ପଡିଥାଏ। ପରିବା ଦର ଆକାଶଛୁଆଁ ରହିଥିବାରୁ ଚିନ୍ତାରେ ପଡ଼ିଛନ୍ତି ହବିଷିଆଳି। ଖୋର୍ଦ୍ଧାରେ କୌଣସି ପରିବା ଦର ୫୦ଟଙ୍କା ତଳକୁ ନାହିଁ। ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁଜଙ୍ଗର ପ୍ରଭାତ ବଳିଆରସିଂ କୁହନ୍ତି, କାର୍ତ୍ତିକ ମାସ ସାରା ଘରେ ହବିଷ ଅନ୍ନ ହୋଇଥାଏ। ପରିବା ଦର ଅଧିକ ଯୋଗୁ ୩୦୦ଟଙ୍କାର ପରିବା କିଣିଲେ ମଧ୍ୟ ବ୍ୟାଗ ପୁରୁନି। ସେହିପରି ଶରଧାପୁର ଅଞ୍ଚଳର ଜିତେନ୍ଦ୍ର ବେହେରା କହିଛନ୍ତି, ପ୍ରତିବର୍ଷ କାର୍ତ୍ତିକ ମାସ ଆସିଲେ ପରିବା ଦର ଆକାଶଛୁଆଁ ରହିଥାଏ। ଏହି ମାସ କିପରି ଚାଲିବ, ତାହାକୁ ନେଇ ଆଶଙ୍କା ରହିଛି। ଅନ୍ୟପଟେ ବଜାରକୁ ପରିବା ଅଧିକ ଆସୁ ନ ଥିବାରୁ ଦର ଆକାଶଛୁଆଁ ରହିଛି ବୋଲି ଜଣେ ବ୍ୟବସାୟୀ କହିଛନ୍ତି।

# ଚାନ୍ଦି ମୁକୁଟରେ ଝଟକୁଛନ୍ତି ମା'ଗଜଲକ୍ଷ୍ମୀ

ଖୋର୍ଦ୍ଧା,୧୮।୧୦(ପ୍ରଭାତ ପାଣିଗ୍ରାହୀ)



ଧରାବତରଣ କରିଛନ୍ତି ମା' ଗଜଲକ୍ଷ୍ମୀ। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଖୋର୍ଦ୍ଧା ସହର। ଚଳିତ ବର୍ଷ ୩୬ଟି ମଣ୍ଡପରେ ଚାଲିଛି ମା'ଙ୍କ ପୂଜାର୍ଚ୍ଚନା। ପ୍ରଥମ ଥର ପାଇଁ ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ବାସେଳିସାହି ମା' ସାଗରଦୁଲଣୀ ପୂଜା କମିଟି ପକ୍ଷରୁ ଧନଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ହୋଇଛି। ଏଠାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପ୍ରାୟ ୩ କେଜିର ଚାନ୍ଦି ମୁକୁଟ ପରିଧାନ କରିଛନ୍ତି। କଟକ କାରିଗରଙ୍କ ଦ୍ୱାରା ଏହି ମୁକୁଟ ପ୍ରସ୍ତୁତ କରାଯାଇଛି। ସନ୍ଧ୍ୟାହେଲେ ମା'ଙ୍କ ସାନ୍ନିଧ ପାଇଁ ଭକ୍ତଙ୍କ ଭିଡ଼ ଜମୁଥିବା ବେଳେ କମିଟି ପକ୍ଷରୁ ମା'ଙ୍କ ନିକଟରେ ଦୈନିକ ବିଭିନ୍ନ ପ୍ରକାର ମିଷ୍ଟାନ୍ନ, ଫଳ, ଶୁଖିଲା ଭୋଗ ଅର୍ପଣ କରାଯାଉଛି। ଆକର୍ଷଣୀୟ ସାଜସଜ୍ଜା, ରଙ୍ଗିନ ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ। ବାସେଳିସାହିରେ ଆଧ୍ୟାତ୍ମିକ ବାତାବରଣ ରହିଛି। ପୂଜା କମିଟି ସଦସ୍ୟ ସଉରି ବେହେରା, ଭିକାରି ଛୁଆଳସିଂ, ପ୍ରଦୀପ କୁମାର ଦାସ, ରାଜେନ୍ଦ୍ର ଦଳାଇ, ଗୋପୀନାଥ ବେହେରାଙ୍କ ସମେତ ବାସେଳିସାହିର ଯୁବଗୋଷ୍ଠୀ ସହଯୋଗ କରୁଛନ୍ତି।

# ସରିଲା ମାଣିକାଗୋଡ଼ାର ଦଶହରା ପର୍ବ



ବୋଲଗଡ଼,୧୮।୧୦(ଦେବବ୍ରତ ହୋତା)

**'କାନ୍ଦେନା ଲୁହ ସରିଯିବ' ନାଟକ ମଞ୍ଚସ୍ଥ**

ମାଣିକାଗୋଡ଼ାର ଦଶହରା ପର୍ବ ଉଦ୍‌ଯାପିତ ହୋଇଯାଇଛି। ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ନିକଟ ନଦୀରେ ବିସର୍ଜନ କରାଯାଇଥିଲା। ଅନ୍ତିମ ଦିବସରେ ଗାନ୍ଧୀ ବଜାର ବଣିକ ସଂଘ ପକ୍ଷରୁ ମିନି ବ୍ୟାଙ୍କ ଛକରେ ନାଟକ 'କାନ୍ଦେନା ଲୁହ ସରିଯିବ' ମଞ୍ଚସ୍ଥ ହୋଇଥିଲା। ଏଥିନିମନ୍ତେ ଅନୁଷ୍ଠିତ ମଞ୍ଚ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ଜିଲା ଭାଜପା ସମ୍ପାଦକ ଇଂ. କର୍ପୁର ସାହୁ, ଅଧିବକ୍ତା ଅମିୟ ପଟ୍ଟନାୟକ, ଗାନ୍ଧୀ ବଜାର ସଭାପତି ଭୀମସେନ ଦଳାଇ, ସରପଞ୍ଚଙ୍କ ପ୍ରତିନିଧି ତ୍ରିନାଥ ସ୍ୱାଇଁ, ସମିତିସଭ୍ୟାଙ୍କ ପ୍ରତିନିଧି ଶରତ କୁମାର ଦଳାଇ, ନାଏବ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ଚିକିତ୍ସକ ସଂଗ୍ରାମ କେଶରୀ ସାହୁ, ବରିଷ୍ଠ କଂଗ୍ରେସ ନେତା ଶ୍ୟାମସୁନ୍ଦର ଦଳାଇ, ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଶୁଭେନ୍ଦୁ କୁମାର ସାହୁ, ନାଟ୍ୟ ନିର୍ଦ୍ଦେଶକ ସୌମ୍ୟରଞ୍ଜନ ସୁବୁଦ୍ଧି, ଆଲୋକ ବେହେରା, ଅଧିବକ୍ତା ପୁରୁଷୋତ୍ତମ ସୁବୁଦ୍ଧି, ଭାଜପା ପଞ୍ଚାୟତ ସଭାପତି ଉପେନ୍ଦ୍ର କୁମାର ସୁବୁଦ୍ଧି, ପୂର୍ଣ୍ଣଚନ୍ଦ୍ର ଦଳାଇ, ଗୋଲଖ ସ୍ୱାଇଁ, ବିଶିଷ୍ଟ ବ୍ୟବସାୟୀ ଦୁର୍ଯ୍ୟୋଧନ ପୃଷ୍ଟି, କୁଳମଣି ପ୍ରଧାନ, କୁମୁଟିସାହି ମୌଜା ସଭାପତି କେଦାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମିନି ବ୍ୟାଙ୍କ ସମ୍ପାଦକ ବିରଞ୍ଚି ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଯୁବନେତା ସୁନୀଲ କୁମାର ଦଳାଇ ଧନ୍ୟବାଦ ଦେଇଥିଲେ।

# ପର୍ଯ୍ୟଟକଙ୍କ କାର୍ ଧକ୍କାରେ ଲୁନା ଚାଳକଙ୍କ ମୃତ୍ୟୁ

ଟାଙ୍ଗୀ,୧୮।୧୦(ରଘୁନାଥ ସାହୁ)

୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡେଶ୍ୱର ଛକ ନିକଟରେ ବଙ୍ଗୀୟ ପର୍ଯ୍ୟଟକଙ୍କ କାର୍ ଧକ୍କାରେ ଲୁନା ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ କାର୍‌ଟି ରାସ୍ତାପାର୍ଶ୍ୱ ଧାନବିଲକୁ ପଶିଯାଇଥିଲା। ମୃତକ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ଚଣ୍ଡେଶ୍ୱର ଗ୍ରାମର ରଘୁ ବସନ୍ତରାୟ। ଅନ୍ୟପଟେ କାର୍‌ରେ ଥିବା ୪ଜଣ ଗୁରୁତର ଆହତ ହୋଇଥିଲେ। ସେମାନେ ହେଲେ ଦିବ୍ୟାଂଶୁ ଚୌଧୁରୀ, ଅର୍ପିତା ଚୌଧୁରୀ, ସବିତା ଭଟ୍ଟାଚାର୍ଯ୍ୟ ଏବଂ ସପ୍ତିକ ଭଟ୍ଟାଚାର୍ଯ୍ୟ। ଏମାନଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସୂଚନା ମୁତାବକ, ବଙ୍ଗୀୟ ପର୍ଯ୍ୟଟକମାନେ ଏକ କାର୍‌ରେ ପୁରୀରୁ ଚିଲିକା ବୁଲିବାକୁ ଯାଉଥିଲେ। ଚଣ୍ଡେଶ୍ୱର ଛକ ନିକଟରେ କାରଟି ଲୁନାକୁ ଧକ୍କାଦେଇ ବିଲ ଭିତରକୁ ପଶିଯାଇଥିଲା। ଫଳରେ ଲୁନା ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ କାର୍‌ରେ ଥିବା ୪ଜଣ ଆହତ ହୋଇଥିଲେ। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ଏଥିସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

# କାର୍ତ୍ତିକ ବ୍ରତ ଆରମ୍ଭ, ସବୁଠି ଉତ୍ସାହ

ଖୋର୍ଦ୍ଧା,୧୮।୧୦(ପ୍ରଭାତ ପାଣିଗ୍ରାହୀ)

**ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼**

ଶୁକ୍ରବାରଠାରୁ ଆରମ୍ଭ ହୋଇଛି କାର୍ତ୍ତିକ ବ୍ରତ। ଏହା ଏକ ମାସ ଧରି ଚାଲିବ। ଏହି ମାସରେ ହିନ୍ଦୁଧର୍ମର ଅଧିକାଂଶ ପରିବାର ଏବଂ ହବିଷିଆଳିମାନେ ମାସସାରା ହବିଷ ଅନ୍ନ ଗ୍ରହଣ କରିଥାନ୍ତି। ବ୍ରତଧାରୀ ପୂର୍ବ ଦିନ ସଂକଳ୍ପ କରିଥାନ୍ତି। ଦୈନିକ ଭୋର୍‌ରୁ ଉଠି ତୀର୍ଥ ପୁଷ୍କରିଣୀରେ ସ୍ନାନକରି ନିକଟ ମନ୍ଦିରରେ ଠାକୁର ଦର୍ଶନ କରନ୍ତି। ଦର୍ଶନ ପରେ ଘରକୁ ଫେରି ଚଉରାମୂଳେ ରାଇଦାମୋଦର ପୂଜା କରନ୍ତି। ଦିନକରେ ଗୋଟିଏ ଓଳି ହବିଷ ଅନ୍ନ ଗ୍ରହଣ କରି ବ୍ରତ ପାଳିଥାନ୍ତି। ସନ୍ଧ୍ୟାରେ ପୁଣି ଚଉରାମୂଳେ ସନ୍ଧ୍ୟାଆଳତି ସହ ପୂଜାର୍ଚ୍ଚନା କରିଥାନ୍ତି। କାର୍ତ୍ତିକ ବ୍ରତ ପାଇଁ ସବୁଠି ଉତ୍ସାହ ରହିଛି। ଖୋର୍ଦ୍ଧାର ପ୍ରସିଦ୍ଧ ଶୈବପୀଠ ଗୁରୁଜଙ୍ଗସ୍ଥିତ ଶ୍ରୀଧବଳେଶ୍ୱର, ଲୋକେଶ୍ୱର, ସିଦ୍ଧେଶ୍ୱର, ଚନ୍ଦ୍ରଶେଖର, ତାରକେଶ୍ୱର, ଅତ୍ରିର ଏକାଦଶ ରୁଦ୍ର, ଗୋଡ଼ା ଲୋକାନାଥ, ପଶ୍ଚିମାଶମ୍ଭୁ, ଚଣ୍ଡେଶ୍ୱରଙ୍କ ସମେତ ଜିଲାର ସମସ୍ତ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମହାଦେବଙ୍କ ନିକଟରେ ଜଳଲାଗି, ବେଲପତ୍ର ଅର୍ପଣ ସହ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ବିଡିଏ କଲୋନୀର ମମତାଞ୍ଜଳି ପଟ୍ଟନାୟକ କହିଛନ୍ତି, ମହାଦେବଙ୍କୁ ଦର୍ଶନ ସହ ଦୀପଟିଏ ଜାଳି ପରିବାରର ଶୁଭ ମନାସିଛି। ସେହିପରି ଜଣେ ହବିଷିଆଳି କହିଛନ୍ତି, ନିଷ୍ଠାର ସହ କାର୍ତ୍ତିକ ବ୍ରତ କରିଥାଏ। ଭୋରୁ ଚଉରାମୂଳେ ରାଇଦାମୋଦର ପୂଜା ପରେ ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଛି। ଦିନସାରା ଭାଗବତ ପାଠ ପରେ ସନ୍ଧ୍ୟା ପୂର୍ବରୁ ଚଉରାମୂଳେ ସନ୍ଧ୍ୟାଆଳତି ସାରି ହବିଷ ଅନ୍ନ ଗ୍ରହଣ କରିଥାଏ।

# ପୂଜାମଣ୍ଡପ ବୁଲିଲେ, ଆଶୀର୍ବାଦ ଭିକ୍ଷାକଲେ



ନିରାକାରପୁର,୧୮।୧୦(ମାନାସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ପୂଜା ପାଉଛନ୍ତି ମା'ଗଜଲକ୍ଷ୍ମୀ। ନିରାକାରପୁର, ରମାବିଲି, ଓଳସିଂହ, କମାଗୁରୁ ଏବଂ ଟାଙ୍ଗୀ ପଞ୍ଚାୟତରେ ବୈଦିକ ରୀତିନୀତି ଅନୁସାରେ ଚାଲିଛି ମା'ଙ୍କ ପୂଜାର୍ଚ୍ଚନା।ଶୁକ୍ରବାର ବିଜେଡି ନେତା ମନ୍ମଥ ରାଉତରାୟ, କଁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଧାଂଶୁ ବଡଜେନା ପ୍ରମୁଖ ବିଭନ୍ନ ପୂଜାମଣ୍ଡପ ବୁଲିବା ସହିତ ମା'ଙ୍କ ଦର୍ଶନ କରିବା ସହ ଆଶିଷ ଲାଭ କରିଥିଲେ। ଏଥିସହ ପୂଜାକମିଟି ସଦସ୍ୟଙ୍କ ସହିତ ଆଲୋଚନ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମୁଛି।

# ଅର୍ଦ୍ଧନିର୍ମିତ ଅବସ୍ଥାରେ କଲ୍ୟାଣମଣ୍ଡପ

■ ଲୁହାଛଡ଼ରେ ଲାଗିଲାଣି କଳଙ୍କି

■ ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ବୋଲଗଡ଼,୧୮।୧୦(ଦେବବ୍ରତ ହୋତା)



ସରକାର ଜନସାଧାରଣଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଆବଶ୍ୟକ ଗୃହ ନିର୍ମାଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ କୋଟିକୋଟି ଟଙ୍କା ବିନିଯୋଗ କରୁଛନ୍ତି। କିନ୍ତୁ ଅନେକ କ୍ଷେତ୍ରରେ ରାଜନୈତିକ ମତଭେଦ ଏବଂ ପ୍ରଶାସନିକ ଅବହେଳା ଯୋଗୁ ଏହା ବାଟବଣା ହୋଇଯାଉଛି। ଏହି କ୍ରମରେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଡାବରଧୁଆପାଟଣା ପଞ୍ଚାୟତ ଅନ୍ତର୍ଗତ ଚୁଡ଼ା ଗ୍ରାମସ୍ଥିତ ଗେଡିମୁଣ୍ଡିଆଠାରେ ଥିବା ପତିତପାବନ ଦେବ ମଠ ନିକଟରେ ୨୦୧୯ ମସିହାରେ ନିର୍ମାଣ ଆରମ୍ଭ ହୋଇଥିବା ଏକ କଲ୍ୟାଣମଣ୍ଡପ ଏବେ ଅର୍ଦ୍ଧନିର୍ମିତ ହୋଇ ପଡ଼ିରହିଛି। ଗ୍ରାମାଞ୍ଚଳ ଲୋକଙ୍କ ମାଙ୍ଗଳିକ କର୍ଯ୍ୟ, ସଭାସମିତି, ଅସମୟରେ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ଶୃଙ୍ଖଳିତ ଯାନିଯାତ୍ରା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହୋଇଥିବା ଏହି କଲ୍ୟାଣମଣ୍ଡପ ପ୍ରକଳ୍ପର ନିର୍ମାଣ ବନ୍ଦ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ସ୍ଥାନୀୟ ପଞ୍ଚାୟତ ସମିତି ମାଧ୍ୟମରେ ଏହାର ନିର୍ମାଣ କରାଯାଉଥିବା ବେଳେ ସେଥିରେ ଲାଗିଥିବା ଲୁହାଛଡ଼ରେ କଳଙ୍କି ଲାଗିଗଲାଣି। ଏଥିସହ ନିର୍ମିତ ପିଲାର ଦୁର୍ବଳ ହୋଇଗଲାଣି। ଏହି ମଣ୍ଡପର ନିର୍ମାଣ ବିଳମ୍ବ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଚୁଡ଼ା ଓ ଡାବରଧୁଆ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଡାବରଧୁଆ ପାଟଣା ସରପଞ୍ଚ ବିଜୟ କୁମାର ସେଠୀ ଏହି ପ୍ରକଳ୍ପ ନିର୍ମାଣ ବନ୍ଦ ହେବା କାରଣ ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତିର ଭିଜିଲାନ୍ସ ଖୋଳତାଡ଼

ବୋଲଗଡ,୧୮।୧୦(ଦେବବ୍ରତ ହୋତା)



ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଭିଜିଲାନ୍ସ ବିଭାଗ ଖୋଳତାଡ଼ ଆରମ୍ଭ କରିଛି। ଆରିକମା ପଞ୍ଚାୟତ ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ବିଭାଗ ଏକ ମାସ ପୂର୍ବେ ଅଭିଯୋଗ ସ୍ଥାନ ବୁଲି ଦେଖିବା ସହ ଏସମ୍ପର୍କିତ କାଗଜପତ୍ର ଦାଖଲ ପାଇଁ କହିଥିଲା। ତେବେ ଏସମ୍ପର୍କିତ କାଗଜପତ୍ର ଦାଖଲ କରିବାରେ ବିଳମ୍ବ ହେବାରୁ ଖୋର୍ଦ୍ଧା ଭିଜିଲାନ୍ସ ବିଭାଗର ଜଣେ ଡିଏସ୍‌ପିଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ପୂର୍ବାହ୍ନ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବୋଲଗଡ଼ ବ୍ଲକ କାର୍ଯ୍ୟାଳୟରେ ତଦନ୍ତ କରିଥିଲେ। ବିଡିଓ ଶରତ ଚନ୍ଦ୍ର ମଲ୍ଲିକ, ଏପିଓ ରୁବି ଡାକୁଆଙ୍କ ସମେତ ଅନ୍ୟ କେତେଜଣ କର୍ମଚାରୀ, ଆରିକମା ସରପଞ୍ଚ ପ୍ରମୋଦ ରାଉତରାୟ ଏବଂ ପିଇଓଙ୍କୁ ପଚରାଉଚୁରା କରିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ ଦୁର୍ନୀତିର ଖୋଳତାଡ଼ କରିବା ସହ ଏସମ୍ପର୍କିତ ଅନେକ ନଥିପତ୍ର ସାଙ୍ଗରେ ନେଇଛନ୍ତି। ଅନ୍ୟପଟେ ଏନେଇ ଆରିକମା ସରପଞ୍ଚ ରାଉତରାୟ ବାଙ୍କୋଇ ଫାଣ୍ଡିରେ ଏକ ଅଭିଯୋଗ କରିଥିବା କହିଛନ୍ତି। ସେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ କୌଣସି କାମ ବିଷୟରେ ଜାଣି ନାହାନ୍ତି କିମ୍ବା କୌଣସି ଫାଇଲରେ ଦସ୍ତଖତ କରିନାହାନ୍ତି। ଶୁକ୍ରବାର ସକାଳେ ତାଙ୍କୁ ଜଣେ କର୍ମଚାରୀ ଜୋର୍‌ଜବରଦସ୍ତ ଫାଇଲରେ ଦସ୍ତଖତ କରିବା ପାଇଁ ବାଧ କରୁଥିବା ନେଇ ଫାଣ୍ଡିରେ ଅଭିଯୋଗ କରିଥିବା ରାଉତରାୟ କହିଛନ୍ତି। ଭିଜିଲାନ୍ସ ଅଧିକାରୀମାନେ କୌଣସି ତଥ୍ୟ ଦେବାକୁ ମନା କରିଥିଲେ।

# କଳା, ପ୍ରତିଭା ନୈପୁଣ୍ୟ ଦେଖାଇଲେ ଶିଶୁ

ଖୋର୍ଦ୍ଧା,୧୮।୧୦(ପ୍ରଭାତ ପାଣିଗ୍ରାହୀ)

**ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ଉଦ୍‌ଯାପିତ**




ଖୋର୍ଦ୍ଧା ଜିଲାର ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନ(ସିସିଆଇ)ରେ ରହୁଥିବା ଅନ୍ତେବାସୀଙ୍କୁ ନେଇ ଦୁଇଦିନ ଧରି ଚାଲିଥିବା ଜିଲାସ୍ତରୀୟ ମହକ ଓ ଉତ୍ସାହ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବରେ ପ୍ରାୟ ଦେଢ଼ଶହରୁ ଊର୍ଦ୍ଧ୍ୱ ଶିଶୁ ଯୋଗଦେଇ କଳା, ପ୍ରତିଭା, ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ପୂର୍ବାହ୍ନରେ ସ୍ଥାନୀୟ ଷ୍ଟାଡ଼ିୟମ ପରିସରରେ ପିଲାମାନଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଯଥା ୧୦୦ ମିଟର ଦୌଡ଼, ୨୦୦ ମିଟର ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଚେସ୍ ଏବଂ କ୍ୟାରମ୍ ଆଦି ପ୍ରତିଯୋଗିତା ହୋଇଥିଲା। ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁମାନଙ୍କୁ ଈଶ୍ୱରଙ୍କ ସନ୍ତାନ ବୋଲି ଅଭିହିତ କରିବା ସହ ବିଦ୍ୟାଳୟରେ ପ୍ରତ୍ୟହ ପ୍ରାର୍ଥନା ହେଉଥିବା ଆହେ ଦୟାମୟ ବିଶ୍ୱ ବିହାରୀର ଅର୍ଥ ବୁଝାଇଥିଲେ। ପିଲାମାନେ କିପରି ଆଗାମୀ ଦିନରେ ଭଲ ମଣିଷ ହୋଇ ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିବେ ଏହା ଶିଶୁଯତ୍ନ ଅନୁଷ୍ଠାନର ଦାୟିତ୍ୱ ବୋଲି କହିଥିଲେ। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ରଞ୍ଜିତା ପଣ୍ଡା ଏବଂ ସଭ୍ୟା ମନୀଷା ପଣ୍ଡା ଯୋଗଦେଇଥିଲେ। ଶହେମିଟର ଏବଂ ଦୁଇଶହ ମିଟର ଦୌଡ଼ରେ ଯଥାକ୍ରମେ ଦୁର୍ଗା ପ୍ରଧାନ ଓ ଲକ୍ଷ୍ମୀ ଶବର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଉଚ୍ଚଡିଆଁରେ ରଶ୍ମି ରଞ୍ଜନ ଦେହୁରୀ ଏବଂ ଦୀପାଳି ମାଝୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଲମ୍ବଡିଆଁରେ ଦୁର୍ଗା ପ୍ରଧାନ ଏବଂ ଗେଲି ପ୍ରଧାନ, ଚେସ୍‌ରେ ରୂପା ସେଠୀ ଓ ରବୀନ୍ଦ୍ର ଏବଂ କ୍ୟାରମ୍‌ରେ ଜମିରା ଚାମ୍ପିଆ ଓ ଯମୁନା ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ମହୋତ୍ସବକୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରୀ ସଚିନ୍ଦ୍ର ନାଥ ସାହୁ, ପ୍ରୋବେଶନ ଅଧିକାରୀ ସୌମେନ୍ଦ୍ର ନାୟକ, ରଞ୍ଜନ କୁମାର ଗୋଛାୟତ, ସୁକାନ୍ତ କୁମାର ପୃଷ୍ଟି, ଗିତାଞ୍ଜଳି ମହାନ୍ତି, ଅଶୋକ ସେଠୀ, ନିରାଳି ପ୍ରଧାନ, ଅର୍ଚ୍ଚନା ରାୟ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ପରାମର୍ଶଦାତ୍ରୀ ମନସ୍ୱିନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବାଲିଯାତ୍ରା ନେଇ ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟିକା

କଟକ,୧୮।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରା ପଡିଆରେ ହେବାକୁ ଥିବା ବାଲିଯାତ୍ରା ଆୟୋଜନକୁ ବିଶେଷ ଗୁରୁତ୍ୱ ଦେବା ପାଇଁ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ବାରବାଟୀ–କଟକ ବିଧାୟିକା ସୋଫିଆ ଫିର୍ଦୋଷ ଶୁକ୍ରବାର ଏକ ଚିଠି ଲେଖିଛନ୍ତି। ବାଲିଯାତ୍ରାରେ ପ୍ଲଟ୍ ଆବଣ୍ଟନବେଳେ ସମସ୍ତ ଆବେଦନକାରୀଙ୍କୁ ବ୍ୟବସାୟ ପାଇଁ ସୁଯୋଗ ଦେବାକୁ ପ୍ରଶାସନ ସହଯୋଗ କରିବା, ବିଭିନ୍ନ ସାମଗ୍ରୀର ମାତ୍ରାଧିକ ଦର ବୃଦ୍ଧି ନିୟନ୍ତ୍ରଣ କରିବା, ବାଲିଯାତ୍ରାରେ ବଡ଼ ବଡ଼ କର୍ପୋରେଟ ସଂସ୍ଥା ଓ କମ୍ପାନୀକୁ ଆଣୁଥିବା ବିଭିନ୍ନ ଆଡ୍ ଏଜେନ୍ସିକୁ ଅଂଶଗ୍ରହଣ ପାଇଁ ସୁଯୋଗ ଦେବା ସହ ଦେଶବିଦେଶର ବହୁଜାତୀୟ କମ୍ପାନୀକୁ ଆହ୍ୱାନ କରାଯିବା, ଦୋକି ବ୍ୟବସାୟୀଙ୍କୁ ସର୍ବନିମ୍ନ ମୂଲ୍ୟରେ ଜମି ଯୋଗାଇ ଦିଆଯିବା, ଗାଡ଼ି ପାର୍କିଂ ପାଇଁ ଦରଧାର୍ଯ୍ୟ, ଗାଡି ଷ୍ଟାଣ୍ଡ ପାଇଁ ଉପଯୁକ୍ତ ସ୍ଥାନ ଚୟନ କରିବା, ପର୍ଯ୍ୟାପ୍ତ ପରିମାଣର ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ସହରର ସମସ୍ତ ପ୍ରବେଶ ପଥ ଏବଂ ସମ୍ବେଦନଶୀଳ ଅଞ୍ଚଳରେ ପର୍ଯ୍ୟାପ୍ତ ସିସିଟିଭି ଲଗାଯିବା ଭଳି ବିଭିନ୍ନ ପ୍ରସଙ୍ଗ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

### ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ସ୍ଥଗିତ

**ହାଇକୋର୍ଟଙ୍କ ରହିତାଦେଶ**

ଖୁଣ୍ଟୁଣୀ,୧୮।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ–ରମ୍ପେଇ ଗ୍ରାମର ଏକମାତ୍ର ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ସ୍ଥଗିତ ରହିଛି। ଉକ୍ତ ଜମିକୁ ଜବରଦଖଲମୁକ୍ତ କରିବା ପାଇଁ ଆଠଗଡ଼ ତହସିଲ ପ୍ରଶାସନ ପକ୍ଷରୁ ଗତ ସେପ୍ଟେମ୍ବରରେ ଜବରଦଖଲକାରୀଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଏନେଇ ଜବରଦଖଲକାରୀମାନେ ହାଇକୋର୍ଟରୁ ରହିତାଦେଶ ଆଣିଛନ୍ତି। ଫଳରେ ଜବରଦଖଲ ଉଚ୍ଛେଦ ସ୍ଥଗିତ ରହିଛି।

ଦୀର୍ଘ ୩୦ ବର୍ଷ ଧରି ଉକ୍ତ ଜମିକୁ କେତେଜଣ ବ୍ୟକ୍ତି ବେଆଇନ ଭାବେ ଦଖଲ କରି ଘର କରିଛନ୍ତି। ଏନେଇ ୨୦୧୨ ଜୁଲାଇ ୧୬ରେ ଗ୍ରାମବାସୀଙ୍କ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ହାଇକୋର୍ଟ ଏହାର ଶୁଣାଣି କରିବା ସହ କଟକ ଜିଲାପାଳଙ୍କ ନିକଟରେ ସାନି ଆବେଦନ କରିବାକୁ ଗ୍ରାମବାସୀଙ୍କୁ କହିଥିଲେ। ପରେ ଗ୍ରାମବାସୀ ଏନେଇ ଜିଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ଯେହେତୁ କେତେକ ଗୋଚର ଜବର ଦଖଲକାରୀଙ୍କୁ ଅନ୍ୟତ୍ର ଥଇଥାନ ପାଇଁ ପଟ୍ଟା ଦିଆଯାଇଛି ତେଣୁ ତହସିଲ ପ୍ରଶାସନ ପକ୍ଷରୁ ସେଠାରେ ଉଚ୍ଛେଦ ବ୍ୟବସ୍ଥା କରାଯାଇଥିଲା। ସେତେବେଳେ କୋଭିଡ୍ ଆଳ ଦେଖାଇ ଏହାକୁ ପ୍ରଶାସନ ପକ୍ଷରୁ ଉପେକ୍ଷା କରାଯାଇଥିଲା। ଚଳିତ ଅକ୍ଟୋବର ୧୮ ତାରିଖ ସୁଦ୍ଧା ଗୋଚର ଜମିରୁ ହଟିଯିବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ଗତ ସେପ୍ଟେମ୍ବରରେ ଜରଦଖଲକାରୀଙ୍କୁ ନୋଟିସ୍ ଜାରି କରାଯାଇଥିଲା। ହେଲେ ଜବରଦଖଲକାରୀ ହାଇକୋର୍ଟରୁ ରହିତାଦେଶ ଆଣିଥିବାରୁ ଜବରଦଖଲ ଉଚ୍ଛେଦ ସ୍ଥଗିତ ରହିଥିବା ଖୁଣ୍ଟୁଣୀ ରାଜସ୍ୱ ନିରୀକ୍ଷକ ମନୋଜ ସାହୁ କହିଛନ୍ତି।

# ସ୍କୁଲ ରୂପାନ୍ତରୀକରଣ ଅର୍ଥ ଖର୍ଚ୍ଚରେ ଅନିୟମିତତା

କଟକ ସଦର,୧୮।୧୦(ସୁଶାନ୍ତ କୁମାର ଜେନା)

**ଗୋଟିଏ ସ୍କୁଲର ଅର୍ଥ ଅନ୍ୟ ସ୍କୁଲରେ ଖର୍ଚ୍ଚ ଅଭିଯୋଗ**

୪୨ ମୌଜା ଅନ୍ତର୍ଗତ ବରାଳ ଗ୍ରାମର ମହେନ୍ଦ୍ର ନାଥ ସ୍ମୃତି ନୀଳକଣ୍ଠ ବିଦ୍ୟାପୀଠର ରୂପାନ୍ତରୀକରଣ ପାଇଁ ରାଜ୍ୟ ସରକାର ୪୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏହି ଅର୍ଥ ମଧ୍ୟରୁ ୧୮ ଲକ୍ଷ ଟଙ୍କା କେବଳ ଭିତ୍ତିଭୂମି ବିକାଶ ପାଇଁ ଖର୍ଚ୍ଚ କରାଯିବାକୁ ସ୍ଥିର ହୋଇଥିଲା। ହେଲେ ଏହି ବିଦ୍ୟାପୀଠର ଅର୍ଥ ନିକଟସ୍ଥ ଏକ ପଞ୍ଚାୟତର ହାଇସ୍କୁଲରେ ଖର୍ଚ୍ଚ କରାଯାଇଥିବା ନେଇ ସ୍ଥାନୀୟ ଲୋକେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ନିକଟରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଏହି ଅନିୟମିତତାର ତଦନ୍ତ ପାଇଁ ମଧ୍ୟ ସେମାନେ ଦାବି କରିଛନ୍ତି। ଇତିମଧ୍ୟରେ ବିଭାଗୀୟ ତତ୍ତ୍ୱାବଧାନରେ କାର୍ଯ୍ୟ ଶେଷ ହୋଇଥିଲେ ସୁଦ୍ଧା ଚୂଡ଼ାନ୍ତ ବିଲ୍ ହୋଇ ପାରୁ ନ ଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାପୀଠର ରୂପାନ୍ତରୀକରଣ କାର୍ଯ୍ୟ ପାଇଁ ୨୦୨୩ ମାର୍ଚ୍ଚରେ ପ୍ରଧାନ ଶିକ୍ଷକଙ୍କ ଆକାଉଣ୍ଟକୁ ଅର୍ଥ ଆସିଥିଲା। ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟାପୀଠ କର୍ତ୍ତୃପକ୍ଷ ଭିତ୍ତିଭୂମିର ବିକାଶ ଅର୍ଥାତ୍ ଗୃହ ନିର୍ମାଣ କିମ୍ବା ନବୀକରଣ କାର୍ଯ୍ୟ ପାଇଁ ବିଡିଓଙ୍କ ଆକାଉଣ୍ଟରେ ଅର୍ଥ ଜମା କରିଥିଲେ। ନିର୍ବାଚନ ପୂର୍ବରୁ କାମ ଶେଷ ହୋଇଥିଲେ ମଧ ବିଲ୍ ହୋଇପାରୁନାହିଁ। ଫଳରେ ଛାୟା ଠିକାଦାର ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ନିକଟସ୍ଥ ଅନ୍ୟ ଏକ ବିଦ୍ୟାପୀଠର ଭିତ୍ତିଭୂମି ବିକାଶ ପାଇଁ ୨୫ରୁ ୩୦ ଲକ୍ଷ ଟଙ୍କା ଆବଶ୍ୟକ ପଡ଼ିଲା। ତେଣୁ ମହେନ୍ଦ୍ର ନାଥ ସ୍ମୃତି ନୀଳକଣ୍ଠ ବିଦ୍ୟାପୀଠର ଅର୍ଥକୁ ଏଠାରେ ଖର୍ଚ୍ଚ କରାଯାଇ ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି। ସରକାର ବଦଳିବା ପରେ ଆବଶ୍ୟକ ପଡୁଥିବା ଅର୍ଥ କେଉଁ ସୂତ୍ରରୁ ଆଣି ଭରଣା କରାଯିବ, ତାହାର ଉତ୍ତର କାହା ପାଖରେ ନାହିଁ। ବିଧାୟକ ସେଠୀ ଏହା ଉପରେ ଅନୁସନ୍ଧାନ କରିବା ପରେ ପ୍ରତିକ୍ରିୟା ଦେବେ ବୋଲି କହିଛନ୍ତି। ଅପରପକ୍ଷରେ ବିଡିଓ ରୁମାନା ଜାଫ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୪୩ ପୂଜା ମଣ୍ଡପ ବୁଲିଲେ ବିଧାୟକ



ପୂଜା ମଣ୍ଡପରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସମେତ ଅନ୍ୟମାନେ।

ମଙ୍ଗୁଳି–ଜଗତପୁର,୧୮।୧୦(ମାନସ ସାମଲ)

ରୂପଯାତ୍ରା ଉପଲକ୍ଷେ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ଦେବଦେବୀଙ୍କୁ ଦର୍ଶନ କରିଛନ୍ତି ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ। ମହାଦେବ ବଜାର, ଓଟିଏମ୍ ଦୁର୍ଗାବଜାର, ବିରାଟ ବଜାର, ମୁଣ୍ଡମାଳ, ଗାନ୍ଧୀଛକ, କପାଳେଶ୍ୱର, ନୂଆସାହି ସମେତ ୪୩ଟି ପୂଜା ମଣ୍ଡପ ବୁଲି ବିଶ୍ୱାଳ ଠାକୁରଙ୍କୁ ଦର୍ଶନ କରିବା ସହ ମେଢ଼ ମାଳିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅପରପକ୍ଷରେ ବିଭିନ୍ନ ଦଳର ନେତା ସନ୍ତୋଷ ମହାନ୍ତି, ନୟନ କିଶୋର ମହାନ୍ତି, ଶୋଭେନ୍ ମହାନ୍ତି, ପ୍ରଦୀପ ବେହେରା ମଧ୍ୟ ପୂଜା ମଣ୍ଡପ ବୁଲିଥିଲେ। ସେହିପରି ବିରାଟ ବଜାର ପୂଜା କମିଟି ସଭାପତି ପ୍ରଶାନ୍ତ ବରାଳ, ସମ୍ପାଦକ ଅଶୋକ ମାଝି ଓ ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ମଧ୍ୟ ମଣ୍ଡପରେ ଠାକୁରଙ୍କୁ ଦର୍ଶନ କରିଥିଲେ।

# 'ଲେଖକ ମୂଲ୍ୟବୋଧଭିତ୍ତିକ ଲେଖା ଲେଖନ୍ତୁ'



ରାଜ୍ୟପାଳ ରଘୁବର ଦାସ ଓ ଅନ୍ୟମାନେ ଉପନ୍ୟାସ ଉନ୍ମୋଚନ କରୁଛନ୍ତି।

କଟକ,୧୮।୧୦ (କାର୍ତ୍ତିକ ସାହୁ)

**ରାଜ୍ୟପାଳଙ୍କ ଦ୍ୱାରା ଉପନ୍ୟାସ 'ପ୍ରାଧାନ୍ୟ' ଉନ୍ମୋଚିତ**

ଭାଷା ପ୍ରକାଶନ ଦ୍ୱାରା ପ୍ରକାଶିତ କଥାକାର ଉମାଶଙ୍କର ମିଶ୍ରଙ୍କ ଉପନ୍ୟାସ 'ପ୍ରାଧାନ୍ୟ'କୁ ରାଜ୍ୟପାଳ ରଘୁବର ଦାସ ରାଜଭବନଠାରେ ଶୁକ୍ରବାର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି, ସମାଜକୁ ଶୃଙ୍ଖଳିତ ଓ ଉଚିତ ମାର୍ଗରେ ପରିଚାଳନା କରିବାରେ ଲେଖକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଲେଖକମାନେ ଅଧିକରୁ ଅଧିକ ମୂଲ୍ୟବୋଧଭିତ୍ତିକ ଲେଖା ଲେଖନ୍ତୁ। ପ୍ରଫେସର ଉମାଶଙ୍କର ମିଶ୍ର ପୁସ୍ତକ ସମ୍ପର୍କରେ ମତ ରଖିଥିଲେ। ପ୍ରକାଶକ ସଞ୍ଜିତ୍ କୁମାର ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ସନ୍ଦୀପ ମିଶ୍ର, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଇଂଲିଶ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ମନୀଷା ମିଶ୍ର, ଚିକିତ୍ସାବିତ୍ ପ୍ରଫେସର ଆନନ୍ଦ ଗରାବଡୁ, ଲେଖକ ସୁପ୍ରକାଶ ମିଶ୍ର ପ୍ରମୁଖ ପୁସ୍ତକର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ।

### ଯଜ୍ଞ କମିଟି ବୈଠକ ଡାକିବାକୁ ସଭାପତିଙ୍କୁ ସ୍ମାରକପତ୍ର

କଟକ ସଦର,୧୮।୧୦(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଆୟଉପୁର ପଞ୍ଚାୟତ ଦାମୋଦରପୁର–୨ ଗ୍ରାମର ନାଗେଶ୍ୱର ନାଥଙ୍କ ଯଜ୍ଞ କମିଟି ବୈଠକ ଆସନ୍ତା ୭ ଦିନ ମଧ୍ୟରେ ଡାକିବାକୁ କମିଟି ସଭାପତି ଅଶୋକ କୁମାର ଦାସଙ୍କୁ ଶୁକ୍ରବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଚଳିତବର୍ଷ ଶିବରାତ୍ରି ସମୟରେ ଏଠାରେ ଯଜ୍ଞ ହୋଇଥିଲେ ମଧ୍ୟ ଆୟବ୍ୟୟ ହିସାବ ଦିଆଯାଇନାହିଁ। ଏଥିପାଇଁ ବିଭିନ୍ନ ଗ୍ରାମର ଭକ୍ତ ଅର୍ଥ ଦାନ କରିଥାନ୍ତି। ଇତିମଧ୍ୟରେ ୭ ମାସ ବିତିଯାଇଥିଲେ ସୁଦ୍ଧା ହିସାବ ସ୍ଥାନୀୟ ଭକ୍ତମାନଙ୍କୁ ଦେବା ପାଇଁ ସାଧାରଣ ବୈଠକ ଡାକିବାକୁ ଉକ୍ତ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି। ଲୋକନାଥ ଓଝା, ସଞ୍ଜୟ ମହାରଣା, ହୃଷୀକେଶ କହରା, ଗୋକୁଳଚନ୍ଦ୍ର ପ୍ରଧାନ, ନିମାଇଁ ଚରଣ ମହାପାତ୍ର, ମୀନକେତନ ଜେନା, ଶ୍ରୀକାନ୍ତ ବେହେରା, ନରେଶ ଚନ୍ଦ୍ର ଜେନା ପ୍ରମୁଖ ଏହି ସ୍ମାରକପତ୍ରରେ ସ୍ୱାକ୍ଷର କରିଛନ୍ତି। ଖୁବ୍‌ଶୀଘ୍ର ବୈଠକ ଡକାଯିବ ବୋଲି ସଭାପତି ଦାସ ପ୍ରତିଶ୍ରୁତି ଦେଇଥିବା ସଭ୍ୟ ପ୍ରଧାନ ସୂଚନା ଦେଇଛନ୍ତି।



ସିଏମ୍‌ସି କାଉନ୍‌ସିଲ ବୈଠକ ଗୃହରେ ୨୧ ନମ୍ବର ୱାର୍ଡର କର୍ପୋରେଟର ଅଶୋକ ଶର୍ମାଙ୍କ ଫଟୋଚିତ୍ର ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ମେୟର ସୁବାସ ସିଂ ଓ କର୍ପୋରେଟରମାନେ।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ଖୁଣ୍ଟୁଣୀ,୧୮।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ କଖଡି ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ତତ୍ତ୍ୱାବଧାନ ଓ ୩ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘଙ୍କ ନେତୃତ୍ୱରେ ଏହି ପଦଯାତ୍ରା କଖଡି ଗ୍ରାମର ମହାବୀର ପଡିଆଠାରୁ ବାହାରି ମାହାଳପଡ଼ା, କପାବୋରେଇ ଓ ଗୋପୀନାଥପଡା ଗ୍ରାମ ପରିକ୍ରମା କରି ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। କଖଡି ସରପଞ୍ଚ କଳ୍ପନା ଛତାର, ସମିତି ସଭ୍ୟ ପ୍ରଦୀପ କୁମାର ମହାନ୍ତି, ପଞ୍ଚାୟତ ବିଜେଡି ସଭାପତି ରଞ୍ଜନ କୁମାର ମୁଦୁଲି, ଜିଲା ସମ୍ପାଦକ ନରେନ୍ଦ୍ର କୁମାର ସାହୁ, ବିଜେଡି ମହିଳା ନେତ୍ରୀ ତଅପୋଇ ବେଦାନ୍ତ, ବାସନ୍ତୀ ରାଉଳ, ମିତାଲି ରାଉତ, ପ୍ରଭାତୀ ବେହେରା, ଓମ୍ ପ୍ରକାଶ ମୁଦୁଲି, ଅଭିଜିତ୍ ସାହୁଙ୍କ ସମେତ ଶତାଧିକ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ।

### ଟ୍ରେନ୍‌ରେ ବାଣ ପରିବହନ କଲେ ଜେଲ

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

**କଟକଣା ଲଗାଇ ଯାତ୍ରୀଙ୍କ ସହଯୋଗ ଲୋଡ଼ିଲା ପୂର୍ବତଟ ରେଳପଥ**

ଦୀପାବଳି ପାଖେଇ ଆସୁଥିବାରୁ ବାଣଜନିତ ସମ୍ଭାବ୍ୟ ବିପଦକୁ ଏଡାଇବା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଟ୍ରେନରେ ବାଣ ଓ ଅନ୍ୟାନ୍ୟ ଦହନଶୀଳ ସାମଗ୍ରୀର ବେଆଇନ ପରିବହନକୁ ବାରଣ କରାଯାଇଛି। ଯାତ୍ରୀ ପରିବହନ କରୁଥିବା ଟ୍ରେନ୍‌ରେ ବାଣ, ଗ୍ୟାସ ସିଲିଣ୍ଡର, ଏସିଡ୍, ପେଟ୍ରୋଲ, କିରୋସିନ ଆଦି ଦହନଶୀଳ ସାମଗ୍ରୀ ପରିବହନ କରିବା ରେଳପଥ ଅଧିନିୟମ ୧୯୮୯ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଏଥିପାଇଁ ୩ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ହୋଇପାରେ। ଟ୍ରେନ ଯାତ୍ରାକୁ ସୁରକ୍ଷିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନରେ ଯାତ୍ରୀଙ୍କ ସହଯୋଗ ମଧ୍ୟ ଲୋଡ଼ାଯାଇଛି। ଯାତ୍ରୀମାନେ ଏଥିପ୍ରତି ସଜାଗ ରହିବାକୁ କୁହାଯାଇଛି। ଏ ସଂକ୍ରାନ୍ତ ନିୟମ ଉଲ୍ଲଂଘନ ହେଉଥିବା ନଜରକୁ ଆସିଲେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) କର୍ମଚାରୀ, ସରକାରୀ ରେଳ ପୋଲିସ, ଟିଟିଇ, କୋଚ୍ ସେବକ ଓ ଷ୍ଟେଶନ ପରିଚାଳକଙ୍କ ସମେତ ଅନ୍‌ବୋର୍ଡ କର୍ମଚାରୀଙ୍କୁ ସୂଚନା ଦେବାପାଇଁ ପରାମର୍ଶ ଦିଆଯାଇଛି। ଏଥିସହ ରେଳପଥର ହେଲ୍ପ ଲାଇନ ନଂ.୧୩୯କୁ କଲ୍ କରି ଜଣାଇବାକୁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି। ଏହି ସୁରକ୍ଷା ବ୍ୟବସ୍ଥା ସହିତ ପୂର୍ବତଟ ରେଳପଥ ରେଳ ଷ୍ଟେଶନଗୁଡିକରେ ସର୍ବସାଧାରଣ ଘୋଷଣା ମାଧ୍ୟମରେ ଯାତ୍ରୀମାନଙ୍କୁ ଅଗ୍ନି ନିର୍ବାପକ ବିପଦ ବିଷୟରେ ସଚେତନ କରୁଛି। ପାର୍ସଲ ଭ୍ୟାନରେ ଲୋଡ୍ ହୋଇଥିବା ପାର୍ସଲ ଏବଂ ଲଗେଜଗୁଡିକର ନିରାପଦ ପରିଚାଳନାକୁ ସୁନିଶ୍ଚିତ କରିବା ଉପରେ ମଧ୍ୟ ସ୍ୱତନ୍ତ୍ର ଦଳ ଧ୍ୟାନ ଦେଉଛି। ନିରାପତ୍ତା ବୃଦ୍ଧି କରାଇବା ପାଇଁ ଟ୍ରେନ ଏସ୍କର୍ଟିଙ୍ଗ ଟିମ୍ ଏବଂ ମେରୀ ସହେଲି ଦଳକୁ ଉଭୟ ଯାତ୍ରୀବାହୀ ଟ୍ରେନ ଓ ଲଗେଜ ଉପରେ କଡା ନଜର ରଖିବା ଦାୟିତ୍ୱ ଦିଆଯାଇଛି।

# ଏସ୍‌ସିବିରେ ସ୍ୱଚ୍ଛତା ଉପରେ ଦୃଷ୍ଟିଦେବାକୁ ଗୁରୁତ୍ୱ

କଟକ,୧୮।୧୦(ଶିଳ୍ପା ପ୍ରିୟଦର୍ଶିନୀ)



ଏସ୍‌ସିବି ମେଡିକାଲ ପରିଦର୍ଶନରେ ଆସିଥିବା ଆଡଭୋକେଟ୍ କମିଟି ସଦସ୍ୟ।

ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାରେ ତଥ୍ୟ ସଂଗ୍ରହ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦ୍ୱିତୀୟଥର ପାଇଁ ଆଡ୍‌ଭୋକେଟ୍ କମିଟି ଏସ୍‌ସିବି ମେଡିକାଲ ଶୁକ୍ରବାର ପୂର୍ବାହ୍ନରେ ପରିଦର୍ଶନ କରିଛି। କମିଟି ସଦସ୍ୟ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ପହଞ୍ଚି ହସ୍ତଗତ ହୋଇଥିବା ୧୦ରୁ ଅଧିକ ଅଭିଯୋଗ ଆଧାରରେ ମେଡିକାଲ କର୍ତ୍ତୃପକ୍ଷ ଓ କଟକ ମହାନଗର ନିଗମ(ସିଏମ୍‌ସି) କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ସ୍ତ୍ରୀ ଓ ପ୍ରସୂତି ବିଭାଗ, କାଜୁଆଲ୍‌ଟି, କାର୍ଡିଓଲୋଜି ବିଭାଗ ପରିଦର୍ଶନ କରି ମେଡିକାଲ ପରିସରରେ ସ୍ୱଚ୍ଛତା ଓ ପରିମଳ ଉପରେ ବିଶେଷ ଦୃଷ୍ଟି ଦେବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଏନେଇ ହାଇକୋର୍ଟ କମିଶନର ସରୋଜ କୁମାର ପାଢ଼ୀ କହିଛନ୍ତି, ଗତ ସମୀକ୍ଷା ସମୟରେ ହସ୍ତଗତ ହୋଇଥିବା ରିପୋର୍ଟ ହାଇକୋର୍ଟରେ ଉପସ୍ଥାପନ କରାଯାଇଥିଲା। ବାକି ରହିଯାଇଥିବା କିଛି ୱାର୍ଡ ଓ ଅନ୍ୟ ବିଭାଗର ସମୀକ୍ଷା କରାଯାଇଛି। ଏହାର ରିପୋର୍ଟ ହାଇକୋର୍ଟରେ ଉପସ୍ଥାପନ କରାଯିବ।

**ବିଭିନ୍ନ ବିଭାଗ ପରିଦର୍ଶନ କଲା ଆଡ୍‌ଭୋକେଟ କମିଟି**

ହାଇକୋର୍ଟ ବାର୍ କାଉନସିଲ୍ ସଭାପତି ଆଇନଜୀବୀ ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଉକ୍ତ କମିଟିରେ ହାଇକୋର୍ଟ କମିଶନର ପାଢ଼ୀ, ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ, ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର, ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ, ମାଲଗୋଦାମ ଓ ମଙ୍ଗଳାବାଗ ଥାନା ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ମେଡିକାଲ କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ସିବି ସୁରକ୍ଷା ମଞ୍ଚ ପକ୍ଷରୁ କମିଟି ସଦସ୍ୟଙ୍କୁ ୨୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚର ସଭାପତି ସୁରେଶ ମହାନ୍ତି କହିଛନ୍ତି, ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଛନ୍ତି। ହେଲେ ଏସ୍‌ସିବି ମେଡିକାଲରେ କରାଯାଉଥିବା ମନମୁଖି କାର୍ଯ୍ୟ ବରଦାସ୍ତ କରାଯିବ ନାହିଁ।



କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟ ପରିସରରେ ଇମର୍ତ୍ତୀ ଦେବୀଙ୍କ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ କଲେଜ କର୍ମକର୍ତ୍ତା।



କଟକ ସତୀଚୌରା ଶ୍ମଶାନ ପରିସରରେ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥିବା ବ୍ୟକ୍ତିବୃନ୍ଦ।

## ସଂକ୍ଷେପରେ

### ୫ ଟାଏକୋଣ୍ଡୋ ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ମନୋନୀତ

ସାକ୍ଷୀଗୋପାଳ,୧୮।୧୦(ଭରତ ରାଉତ)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ୨ ଛାତ୍ର ଆୟୁଷ୍ମାନ ମିଶ୍ର ଓ ସୋମନାଥ ନାୟକ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ସେହିପରି ସତ୍ୟବାଦୀ ବାଳିକା ଉଚ୍ଚ ବିଦ୍ୟାଳୟର ୨ଜଣ ଛାତ୍ରୀ ଆରାଧ୍ୟା ସତାକ୍ଷୀ ମିଶ୍ର ଓ ସ୍ମୃତିରେଖା ନାୟକ ଏବଂ ସାକ୍ଷୀଗୋପାଳ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ପ୍ରିୟଙ୍କା ମେକାପ ଜିଲାସ୍ତରରୁ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଶୁକ୍ରବାର ପୁରୀ ଜିଲା



ସ୍କୁଲରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗୀଙ୍କ ସହିତ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ସୂଚିତ୍ର ଖଟେଇ ଓ ପ୍ରଶିକ୍ଷକ ଦୀପକ କୁମାର ପ୍ରଧାନ ସେଠାରେ ଉପସ୍ଥିତ ରହିଛନ୍ତି।

### ଖବରକାଗଜ ବିତରକ ବୁଦ୍ଧନାଥଙ୍କ ପରଲୋକ

କୋଣାର୍କ,୧୮।୧୦(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଅଞ୍ଚଳର ବୟୋଜ୍ୟେଷ୍ଠ ଖବରକାଗଜ ବିତରକ ବୁଦ୍ଧନାଥ ଜେନା(୭୯)ଙ୍କର ଗୁରୁବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଦୀର୍ଘ ଚାରି ଦଶନ୍ଧି ଧରି କୋଣାର୍କ ଓ ଏହାର ଆଖପାଖ ଅଞ୍ଚଳରେ ଖବରକାଗଜ ବିତରକ ଭାବେ ବେଶ୍ ପରିଚିତ। ଖଦଡ଼ ଲୁଗା ଓ ପଞ୍ଜାବୀ ପରିଧାନ କରି ସାଇକେଲ ଚଳାଇ ବଜାରଠାରୁ ଗାଁ ଗଣ୍ଡାର ଗଳିକନ୍ଦିରେ ଦିନକୁ ୨୫ କି.ମି. ଭ୍ରମଣ କରି ସେ ଖବରକାଗଜ ବିକୁଥିଲେ। ବାର୍ଦ୍ଧକ୍ୟ ଯୋଗୁ ସାଇକେଲ ଚଳାଇ ପାରୁ ନ ଥିଲେ ମଧ୍ୟ ଜୁଣେଇ ବଜାରରୁ କୋଣାର୍କ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ୩ କି.ମି. ଚାଲି ଚାଲି ଖବରକାଗଜ ବିକୁଥିଲେ। ୨ ସପ୍ତାହ ପୂର୍ବେ ଅସୁସ୍ଥତା ଯୋଗୁ ବୁଦ୍ଧନାଥ ଶଯ୍ୟାଶାୟୀ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରସାରିତ ହେବାପରେ ଶୁକ୍ରବାର ସକାଳୁ ମା'ଙ୍କର ଗୋରଡିସ୍ଥିତ ବୁଦ୍ଧନାଥଙ୍କ ବାସଗୃହ ନିକଟରେ ଜନଗହଳି ହୋଇଥିଲା। ବୁଦ୍ଧନାଥଙ୍କର ଶବକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ସତ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ମୃତ୍ୟୁଞ୍ଜୟ ମୁଖାଗ୍ନି ଦେଇଥିଲେ। ବୁଦ୍ଧନାଥଙ୍କ ବିୟୋଗରେ ଜନନେତା ସତ୍ୟବ୍ରତ ପାତ୍ର(ରମ୍ଭୁ), ପୁରୀ ଜିଲା ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ସାମାଜିକ କର୍ମୀ ରାଜକିଶୋର ମହାପାତ୍ର, ଶିକ୍ଷାବିତ୍ ବଳରାମ ରାଉତରାୟ, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ରେଡିଓ ନମସ୍କାର ଅଧ୍ୟକ୍ଷ ଏନ୍ ଏ ଶାହା ଅନ୍‌ସାରୀ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, କୋଣାର୍କ ପ୍ରେସ କ୍ଲବ ସଭାପତି ଧନଞ୍ଜୟ ବେହେରା, ସାମ୍ବାଦିକ ସଞ୍ଜୟ ପତି, ମାନସ ରଞ୍ଜନ ପାତ୍ର, କୋଣାର୍କ ସାମ୍ବାଦିକ ସଂଘ ସଭାପତି ଜ୍ୟୋତିରାଜ ମହାନ୍ତି, ସାମାଜିକ କର୍ମୀ ଉମେଶ ସ୍ୱାଇଁ, ସାମାଜିକ କର୍ମୀ ପ୍ରଫୁଲ୍ଲ ପାତ୍ର ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।



ହବିଷିଆଳିମାନେ ଶୁକ୍ରବାର ପୂର୍ବାହ୍ଣରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯିବା ପୂର୍ବରୁ ଅରୁଣସ୍ତମ୍ଭ ନିକଟରେ ପ୍ରଣାମ କରୁଛନ୍ତି ।



ହବିଷିଆଳି ଶିବିରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆକାଶ ଦୀପ ପ୍ରଜ୍ୱଳନ କରୁଛନ୍ତି ।

# କ୍ଷତିପୂରଣ ଦାବିରେ ୧୦ ଘଣ୍ଟା ରାସ୍ତାରୋକୋ

## ବିଦ୍ୟୁତ୍ ଆଘାତରେ ଚାଷୀଙ୍କ ମୃତ୍ୟୁ

ସାକ୍ଷୀଗୋପାଳ,୧୮।୧୦(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଦାସବିଦ୍ୟାଧରପୁର ପଞ୍ଚାୟତ ଭୀମପୁର ଦଳିତ ସାହିର ଡୁଗୁନା ଭୋଇ ଶୁକ୍ରବାର ଧାନ ବିଲକୁ ଯାଇଥିଲେ। ପୂର୍ବରୁ ବିଲରେ ଏକ ବିଦ୍ୟୁତ୍ ଖୁଣ୍ଟ ବଙ୍କା ହୋଇ ରହିବା ସହ ବିଲରେ ତାର ଝୁଲି ରହିଥିଲା। ଡୁଗୁନା ଓହଳି ଥିବା ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ସହ ଗାଇବାଟିଆ ଓ ଚାଳିଶବାଟିଆ ରାସ୍ତା ଉପରେ ଶବ ରଖି କ୍ଷତିପୂରଣ ଦାବିରେ ୧୦ ଘଣ୍ଟା ରାସ୍ତାରୋକୋ କରିଥିଲେ। ପରେ ସତ୍ୟବାଦୀ ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ ଓ ସାକ୍ଷୀଗୋପାଳ ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟର ସହକାରୀ ନିର୍ବାହୀ ଯନ୍ତ୍ରୀ ନୀଳାଚଳ ପାତ୍ର ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଭାଜପା ନେତା ତ୍ରିଲୋଚନ ରଥ, ଉମେଶ ଚନ୍ଦ୍ର ପ୍ରଧାନ, ବିଭୁ ପ୍ରସାଦ ରଥ ଓ ମନୋଜ କୁମାର ରଥ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଆନ୍ଦୋଳନକାରୀମାନେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତି ପୂରଣ ଓ ପରିବାରର ଜଣକୁ ଚାକିରି ଦାବି କରିଥିଲେ। ଉପସ୍ଥିତ ଅଧିକାରୀ ଓ ବ୍ୟକ୍ତିବିଶେଷ ଆଲୋଚନା ପରେ ମୃତକଙ୍କ ପରିବାରକୁ ଏକ ମାସ ମଧ୍ୟରେ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଓ ପରିବାରର ଜଣକୁ ଚାକିରି ପ୍ରଦାନର ପ୍ରତିଶ୍ରୁତି ପ୍ରଦାନ ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସତ୍ୟବାଦୀ ପୋଲିସ ଶବଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିଲା। ଶନିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ପରିବାରର ଅଭିଯୋଗକ୍ରମେ ସତ୍ୟବାଦୀ ପୋଲିସ୍ ସାକ୍ଷୀଗୋପାଳ ବିଦ୍ୟୁତ ବିଭାଗର ଏସ୍‌ଡିଓ, ଜେଇ ଓ ଲାଇନ୍‌ମ୍ୟାନଙ୍କ ବିରୋଧରେ ୩୧୩/୨୪ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଉମେଶ କୁମାର ସାହୁ ସୂଚନା ଦେଇଛନ୍ତି।

# ଆମ୍ବୁଲାନ୍ସରେ ଏସି, ଫ୍ୟାନ୍ ଅଚଳ, ରେଫର୍ ରୋଗୀ ଛଟପଟ

- ଆମ ଅଭିଯୋଗ କେହି ଶୁଣୁ ନାହାନ୍ତି: ଆମ୍ବୁଲାନ୍ସ କର୍ମଚାରୀ
- ଡାକ୍ତରଖାନାରେ ଉତ୍ତେଜନା, କର୍ତ୍ତୃପକ୍ଷ ନୀରବ

ଗୋପ,୧୮।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଜଣେ ଦୁର୍ଘଟଣାଗ୍ରସ୍ତ ରୋଗୀ ଗୁରୁବାର ଭୁବନେଶ୍ୱର ରେଫର୍ ହେବା ପରେ ୧୦୮ ଆମ୍ବୁଲାନ୍ସରେ ଯିବାବେଳେ ଉତ୍ତେଜନା ଦେଖାଦେଇଥିଲା। ରୋଗୀ ଜଣଙ୍କ ଅଧିକ ମାତ୍ରାରେ ଗରମ ଯୋଗୁ ଛଟପଟ ହେଉଥିବାବେଳେ ଆମ୍ବୁଲାନ୍ସରେ ଲାଗିଥିବା ଏସି ଓ ଫ୍ୟାନ୍ ଅଚଳ ଥିବା ଜଣାପଡ଼ିଥିଲା।

ପ୍ରକାଶ ଯେ, ରାଜ୍ୟ ସରକାର ସରକାରୀ ଡାକ୍ତରଖାନାରେ ବିଭିନ୍ନ ଯୋଜନାରେ ବହୁକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାସ୍ତବରେ ଏହି ଯୋଜନାଗୁଡ଼ିକ କିପରି ଚାଲୁଛି, ସେ ସମ୍ପର୍କରେ ତଦାରଖ କରିବାକୁ କେହି ନାହାନ୍ତି। ଯୋଜନା ମଧ୍ୟରେ ଆମ୍ବୁଲାନ୍ସ ଯୋଜନା ଫଳପ୍ରଦ ହେଉଥିବା ବେଳେ ଏହିସବୁ ଆମ୍ବୁଲାନ୍ସ ଭାଙ୍ଗିରୁଜି ଯାଇଛି। ଏଥିରେ ଲାଗିଥିବା ଏସି, ଫ୍ୟାନ୍ ଅଚଳ ହୋଇଥିବା ବେଳେ ଏପରିକି ଅକ୍ସିଜେନ ମଧ୍ୟ ନ ଥିବା ଜଣାପଡ଼ିଛି। ଅଭିଯୋଗ କଲେ କେହି ଶୁଣୁନାହାନ୍ତି ବୋଲି ଆମ୍ବୁଲାନ୍ସ କର୍ମଚାରୀ ଅଭିଯୋଗ କରିଛନ୍ତି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୫ଟି ୧୦୮ ଆମ୍ବୁଲାନ୍ସ ରୋଗୀମାନଙ୍କୁ ସେବା ଯୋଗାଉଥିବା ବେଳେ କାକଟପୁର, ନିମାପଡ଼ା ଓ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମଧ୍ୟ ବିଭିନ୍ନ ସମୟରେ ଆମ୍ବୁଲାନ୍ସ ଗୋପ ଆସି ରୋଗୀସେବା ମଧ୍ୟ ଯୋଗାଇ ଦେଉଛି। ହେଲେ ୯୦ ଭାଗ ଆମ୍ବୁଲାନ୍ସରେ ଲାଗିଥିବା ଏସି, ଫ୍ୟାନ୍, ଅକ୍ସିଜେନ ସହିତ ଆଉ କେତେକ ଜରୁରୀ ଚିକିତ୍ସା ଯୋଗାଇଦେବା ଜିନିଷ ଅଚଳ ଅବସ୍ଥାରେ ରହିଛି। ଯା' ଆସ କରୁଥିବା ରୋଗୀମାନେ ବିପଦପୂର୍ଣ୍ଣ ଅବସ୍ଥାରେ ମଧ୍ୟ ଯାଉଛନ୍ତି। ବିଭିନ୍ନ ସମୟରେ ଏହିସବୁ ଆମ୍ବୁଲାନ୍ସ ରାସ୍ତାରେ ଅଚଳ ହେବା ସହିତ ରାସ୍ତାରେ ଠେଲା ହେବା ମଧ୍ୟ ଦେଖିବାକୁ ମିଳୁଛି। ୧୦୮ ଆମ୍ବୁଲାନ୍ସ କର୍ମଚାରୀ କହିଛନ୍ତି, ଆମେ କ'ଣ କରିବୁ ଆମ ଅଭିଯୋଗ କିଏ ଶୁଣୁ ନାହାନ୍ତି।

ନିୟମ ଅନୁସାରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନେ ୧୦୮ ଆମ୍ବୁଲାନ୍ସ ଉପରେ ପ୍ରତ୍ୟେକ ମାସରେ ଫିଟ୍‌ଥିବା ଆମ୍ବୁଲାନ୍ସରେ ଲଗାଯାଇଥିବା ସମସ୍ତ ଜରୁରୀ ଚିକିତ୍ସା ଉପରେ ତଥ୍ୟ ଦେବା କଥା। କିନ୍ତୁ ଏହା ହେଉ ନ ଥିବା ଜଣାପଡ଼ିଛି। ଦୈନିକ ରୋଗୀମାନେ ବିପଦପୂର୍ଣ୍ଣ ଅବସ୍ଥାରେ ବିନା ଏସି ଓ ଫ୍ୟାନ ସହିତ ଭଙ୍ଗା ଆମ୍ବୁଲାନ୍ସରେ ଯା'ଆସ କରୁଥିବା ଦେଖିବାକୁ ମିଳିଛି। ଏପରି ଏକ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ନେଇ ଜିଲା ଚିକିତ୍ସାଧିକାରୀ କହିଛନ୍ତି, ମୁଁ ଦେଖୁଛି। ଆମ୍ବୁଲାନ୍ସ ଦାୟିତ୍ୱରେ ଥିବା ଅଧିକାରୀ କୌଣସି ଉତ୍ତର ଦେଇ ନ ଥିବା ଜଣାପଡ଼ିଛି।



କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ଶିଳ୍ପୀ ସରିତା ଗୋଚ୍ଛାୟତ ଓ ଲୋପାମୁଦ୍ରା ଗୋଚ୍ଛାୟତଙ୍କ ବାଲୁକା କଳା । (ଫଟୋ- ଜ୍ୟୋତିରାଜ ମହାନ୍ତି)

### ଓକାକ୍‌କୁ ଧନ୍ୟବାଦ ଜଣାଇଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ,୧୮।୧୦(ଅଜିତ କୁମାର ମହାନ୍ତି)

ଓଡ଼ିଶା କମ୍ପ୍ୟୁଟର୍ ଆପ୍ଲିକେଶନ୍ ସେଣ୍ଟର (ଓକାକ୍) ପକ୍ଷରୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ଉନ୍ନତ ମାନର ଭିଡିଓ କନଫରେନ୍ସିଂ ବ୍ୟବସ୍ଥା ସଂସ୍ଥାପନ କରାଯାଇଛି। ଏହି ବ୍ୟବସ୍ଥାକୁ ଓକାକ୍‌ର ବୈଷୟିକ ଟିମ୍ ସଂସ୍ଥାପନ କରିଛନ୍ତି। ଓକାକ୍‌ର ନିଜସ୍ୱ ପାଣ୍ଠିରୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ କରାଯାଇଥିବା ଏହି ବ୍ୟବସ୍ଥା ସକାଶେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କୃତଜ୍ଞତା ଜ୍ଞାପନ କରିଛନ୍ତି। ପତ୍ର ମାଧ୍ୟମରେ ଓକାକ୍ ଅଧ୍ୟକ୍ଷ ବିଶାଳ ଦେବଙ୍କୁ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ଟ୍ରେନ୍‌ରେ ବାଣ ପରିବହନକଲେ ଜେଲ

## କଟକଣା ଲଗାଇ ଯାତ୍ରୀଙ୍କ ସହଯୋଗ ଲୋଡ଼ିଲା ପୂର୍ବତଟ ରେଳପଥ

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)




ଦୀପାବଳି ପାଖେଇ ଆସୁଥିବାରୁ ବାଣଜନିତ ସମ୍ଭାବ୍ୟା ବିପଦକୁ ଏଡାଇବା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଟ୍ରେନରେ ବାଣ ଓ ଅନ୍ୟାନ୍ୟ ଦହନଶୀଳ ସାମଗ୍ରୀର ବେଆଇନ ପରିବହନକୁ ବାରଣ କରାଯାଇଛି। ଯାତ୍ରୀ ପରିବହନ କରୁଥିବା ଟ୍ରେନ୍‌ରେ ବାଣ, ଗ୍ୟାସ ସିଲିଣ୍ଡର, ଏସିଡ୍, ପେଟ୍ରୋଲ, କିରୋସିନ ଆଦି ଦହନଶୀଳ ସାମଗ୍ରୀ ପରିବହନ କରିବା ରେଳପଥ ଅଧିନିୟମ ୧୯୮୯ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଏଥିପାଇଁ ୩ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ହୋଇପାରେ। ଟ୍ରେନ ଯାତ୍ରାକୁ ସୁରକ୍ଷିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନରେ ଯାତ୍ରୀଙ୍କ ସହଯୋଗ ମଧ୍ୟ ଲୋଡ଼ାଯାଇଛି। ଯାତ୍ରୀମାନେ ଏଥିପ୍ରତି ସଜାଗ ରହିବାକୁ କୁହାଯାଇଛି। ଏ ସଂକ୍ରାନ୍ତ ନିୟମ ଉଲ୍ଲଂଘନ ହେଉଥିବା ନଜରକୁ ଆସିଲେ ରେଳ ସୁରକ୍ଷା ବଳ (ଆର୍‌ପିଏଫ) କର୍ମଚାରୀ, ସରକାରୀ ରେଳ ପୋଲିସ, ଟିଟିଇ, କୋଚ୍ ସେବକ ଓ ଷ୍ଟେଶନ ପରିଚାଳକଙ୍କ ସମେତ ଅନ୍‌ବୋର୍ଡ କର୍ମଚାରୀଙ୍କୁ ସୂଚନା ଦେବାପାଇଁ ପରାମର୍ଶ ଦିଆଯାଇଛି। ଏଥିସହ ରେଳପଥର ହେଲ୍ପ ଲାଇନ ନଂ.୧୩୯କୁ କଲ୍ କରି ଜଣାଇବାକୁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି। ଏହି ସୁରକ୍ଷା ବ୍ୟବସ୍ଥା ସହିତ ପୂର୍ବତଟ ରେଳପଥ ରେଳ ଷ୍ଟେଶନଗୁଡ଼ିକରେ ସର୍ବସାଧାରଣ ଘୋଷଣା ମାଧ୍ୟମରେ ଯାତ୍ରୀମାନଙ୍କୁ ଅଗ୍ନି ନିର୍ବାପକ ବିପଦ ବିଷୟରେ ସଚେତନ କରୁଛି। ପାର୍ସଲ ଭ୍ୟାନରେ ଲୋଡ୍ ହୋଇଥିବା ପାର୍ସଲ ଏବଂ ଲଗେଜଗୁଡ଼ିକର ନିରାପଦ ପରିଚାଳନାକୁ ସୁନିଶ୍ଚିତ କରିବା ଉପରେ ମଧ୍ୟ ସ୍ୱତନ୍ତ୍ର ଦଳ ଧ୍ୟାନ ଦେଉଛି। ନିରାପତ୍ତା ବୃଦ୍ଧି କରାଇବା ପାଇଁ ଟ୍ରେନ ଏସ୍କର୍ଟିଙ୍ଗ ଟିମ୍ ଏବଂ ମେରୀ ସହେଲି ଦଳକୁ ଉଭୟ ଯାତ୍ରୀବାହୀ ଟ୍ରେନ ଓ ଲଗେଜ ଉପରେ କଡା ନଜର ରଖିବା ଦାୟିତ୍ୱ ଦିଆଯାଇଛି।

# ୩ ବେଆଇନ କରତକଳ ଉପରେ ଚଢ଼ାଉ

## ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରାଂଶ ଜବତ

ଗୋପ,୧୮।୧୦(ଭାରତୀ ଭୂଷଣ ଉପାଧ୍ୟାୟ)



ଗୋପ ବନବିଭାଗ ଅଧୀନ ୩ଟି ବେଆଇନ କରତକଳ ଉପରେ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ୫୦ରୁ ଉର୍ଦ୍ଧ୍ୱ ବନବିଭାଗ ଅଧିକାରୀ ଓ କର୍ମଚାରୀ ନିୟୋଜିତ ଥିବାବେଳେ ପୁରୀ ଜିଲା ଉପଖଣ୍ଡ ଅଧିକାରୀ ଅଶୋକ କୁମାର ବେହେରା ଓ ଗୋପ ବନବିଭାଗ ଦାୟିତ୍ୱରେ ଥିବା କୋଣାର୍କ ରେଞ୍ଜର ସୁଦର୍ଶନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଗୋପ ବନବିଭାଗ ଅନ୍ତର୍ଗତ ଜମରାଠାରେ ଥିବା ୨ ଗୋଟି ଓ ବେଗୁନିଆ ବାଲିକନ୍ଦଳ ନିକଟରେ ଥିବା ଗୋଟିଏ ବେଆଇନ କରତକଳ ଉପରେ ଚଢ଼ାଉ କରାଯାଇ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରାଂଶ ଜବତ କରାଯାଇଥିବା ବେଳେ ୩ ମାଲିକଙ୍କ ନାମରେ ମଧ୍ୟ ୬, ୭, ୮/୨୪ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଗୋପ ରେଞ୍ଜ ଅଧୀନରେ ୨୫ରୁ ଉର୍ଦ୍ଧ୍ୱ କରତକଳ ରହିଥିବା ବେଳେ କେତେକ କରତକଳ ଦୈନିକ ଚାଲୁଛି। ଫଳରେ ଏହିସବୁ କରତକଳରେ ଶତାଧିକ ଲୋକ ପେଟପାଟଣା ଲାଗି କାମ କରୁଥିବା ବେଳେ ପୁରୁଣା କରତକଳ ମାଲିକମାନେ ସେମାନଙ୍କ ସଂସାର ଚଳାଉଛନ୍ତି। ସୁପ୍ରିମକୋର୍ଟ ୨୦୦୦ ମସିହାରେ ସରକାରୀ ଜଙ୍ଗଲର ୧୦ କି.ମି. ପରିଧି ମଧ୍ୟରେ ରହିଥିବା କରତକଳଗୁଡ଼ିକୁ ବେଆଇନ ଘୋଷଣା କରିଥିଲେ। ଏହା ପରେ ଜଙ୍ଗଲ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ କରାଯାଉଛି। କିଛିଦିନ ହେବ ଗୋପ ଜଙ୍ଗଲ ବିଭାଗର ଜଣେ ଅଧିକାରୀ ବେଆଇନ କରତକଳ ମାଲିକଙ୍କଠାରୁ ମୋଟା ଅଙ୍କର ଅର୍ଥ ନେବା ଅଭିଯୋଗ ଆସିବା ପରେ ଗୋପ ରେଞ୍ଜର୍ ସୁଦର୍ଶନ ଦେହୁରୀ ଜିଲା ବନଖଣ୍ଡ ଅଧିକାରୀ ବିବେକ କୁମାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ତୁରନ୍ତ ବେଆଇନ କରତକଳ ଉପରେ ଚଢ଼ାଉ କରିବା ଲାଗି ଜିଲା ବନଖଣ୍ଡ ଅଧିକାରୀ ବିବେକ କୁମାର ନିର୍ଦ୍ଦେଶ ଦେବାପରେ ଏହି ଚଢ଼ାଉ କରାଯାଇଥିଲା।

# ମା'ମଙ୍ଗଳାଙ୍କୁ ଦର୍ଶନକଲେ ଏମ୍‌ପି

କାକଟପୁର/ଅସ୍ତରଙ୍ଗ, ୧୮।୧୦ (ଶୁଭଦର୍ଶନ ମିଶ୍ର/ ମମତା ଜେନା)

ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ଶୁକ୍ରବାର ଅପରାହ୍ଣରେ ଏକ ବିରାଟ ଶୋଭାଯାତ୍ରାରେ ଯାଇ ମା' ମଙ୍ଗଳା ମନ୍ଦିରରେ ମା'ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏମ୍‌ପି ହେବା ପରେ ଏହା ତାଙ୍କର ଦ୍ୱିତୀୟ ମଙ୍ଗଳା ମନ୍ଦିର ଗସ୍ତ। ସେଠାରୁ ସିଧା ଯାଇ ମଙ୍ଗଳା ମନ୍ଦିର କାର୍ଯ୍ୟାଳୟରେ ପହଞ୍ଚି ସେବାୟତ ନିଯୋଗର କର୍ମକର୍ତ୍ତା ଓ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ମନ୍ଦିର ଉନ୍ନତୀକରଣ ପାଇଁ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନା ସମୟରେ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଏମ୍‌ପିଙ୍କ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା, କାକଟପୁର ଭାଜପା ନେତା ରତିକାନ୍ତ ବେହେରା, ଦିବାକର ଛାଟୋଇ, ଉପଦେଷ୍ଟା ତୁଷାର ରଞ୍ଜନ ଦୀକ୍ଷିତ, ସେବାୟତ ସମିତି ଉପସଭାପତି କମଳ ଲୋଚନ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ଟ୍ରଷ୍ଟର ପୁନରୁଦ୍ଧାର, ସୋମେଶ୍ୱର ମନ୍ଦିରର ଉନ୍ନତି ଓ କାକଟପୁରର ଉତ୍କଟ ସ୍ୱାସ୍ଥ୍ୟ ସମସ୍ୟା ସୁଧାରିବାକୁ କର୍ମକର୍ତ୍ତା ଦାବି ଉପସ୍ଥାପନା କରିଥିଲେ। ତୁରନ୍ତ ଏ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଏମ୍‌ପି ତରାଇ ପ୍ରତିଶ୍ରୁତି ଦେଇଥିଲେ।



ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ମଙ୍ଗଳା ମନ୍ଦିରର ସେବାୟତଙ୍କ ସହ ଆଲୋଚନା କରୁଛନ୍ତି ।

# ପାନୀୟଜଳ ସମସ୍ୟା ନେଇ ଉଦ୍‌ବେଗ

## ଡେଲାଙ୍ଗ ବ୍ଲକ୍‌ର ୬ଷ୍ଠ ପଞ୍ଚାୟତ ସମିତି ବୈଠକ

ଡେଲାଙ୍ଗ,୧୮।୧୦(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଡେଲାଙ୍ଗ ବ୍ଲକର ୬ଷ୍ଠ ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ମଣ୍ଡଳ ଉନ୍ନୟନ ଅଧିକାରୀ କ୍ଷିତୀଶ ଚନ୍ଦ୍ର ବେହେରା, ଜିଲାପରିଷଦ ସଭ୍ୟ ପ୍ରସନ୍ନ ସାହୁ, ଦୀପ୍ତିଶ୍ରୀ ରାଉତରାୟ, ପ୍ରଜ୍ଞା ଛୋଟରାୟ ପ୍ରମୁଖ ଉପସ୍ଥିତ ରହି ୨୧ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନଙ୍କର ପଞ୍ଚାୟତରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କିତ ଅଭିଯୋଗ ଶୁଣିଥିଲେ। ପାନୀୟ ଜଳ ସମସ୍ୟାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବିଭିନ୍ନ ଗ୍ରାମରେ ଜନସାଧାରଣ ଠିକ୍ ଭାବେ ପାନୀୟ ଜଳ ପାଇପାରୁ ନାହାନ୍ତି; ଏହାର ସମାଧାନ କାହିଁକି ହୋଇପାରୁ ନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତର ଦେବାରେ ବିଭାଗୀୟ ଅଧିକାରୀମାନେ ଅସମର୍ଥ ହୋଇଥିବା ଦେଖିବାକୁ ମିଳିଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକ, ସ୍ନେହଲତା ସାହୁ, ମାର୍କଣ୍ଡ ମଙ୍ଗରାଜ, ମଳୟ ସେଠୀ, ଗୋବର୍ଦ୍ଧନ ସେଠୀ, ପ୍ରତିମା ପାତ୍ର, ମୀନାକ୍ଷୀ ମହାପାତ୍ର, ରଶ୍ମିତା ବେହେରା, ସମିତି ସଭ୍ୟା ଭାଗ୍ୟଲକ୍ଷ୍ମୀ ବେହେରା, ରୀତାଞ୍ଜଳୀ ପ୍ରଧାନ, ସ୍ୱର୍ଣ୍ଣଲତା ନାୟକ, ଲଲାଟ କେଶରୀ ସାମନ୍ତରାୟ, ଭୀମସେନ ପ୍ରଧାନ, ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପଞ୍ଚାୟତ ସମିତି ବୈଠକରେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ଅନ୍ୟମାନେ ।

## ସଂକ୍ଷେପରେ

### ୩ ବେଆଇନ କରତକଳ ଉପରେ ଚଢ଼ାଉ

**୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରାଂଶ ଜବତ**

ଗୋପ,୧୮।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବନବିଭାଗ ଅଧୀନ ୩ଟି ବେଆଇନ କରତକଳ ଉପରେ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ୫୦ରୁ ଊର୍ଦ୍ଧ୍ୱ ବନବିଭାଗ ଅଧିକାରୀ ଓ କର୍ମଚାରୀ ନିୟୋଜିତ ଥିବାବେଳେ ପୁରୀ ଜିଲା ଉପଖଣ୍ଡ ଅଧିକାରୀ ଅଶୋକ କୁମାର ବେହେରା ଓ ଗୋପ ବନବିଭାଗ ଦାୟିତ୍ୱରେ ଥିବା କୋଣାର୍କ ରେଞ୍ଜର ସୁଦର୍ଶନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଗୋପ ବନବିଭାଗ ଅନ୍ତର୍ଗତ ଜମରାଠାରେ ଥିବା ୨ ଗୋଟି ଓ ବେଗୁନିଆ ବାଲିକନ୍ଦଳ ନିକଟରେ ଥିବା ଗୋଟିଏ ବେଆଇନ କରତକଳ ଉପରେ ଚଢ଼ାଉ କରାଯାଇ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରାଂଶ ଜବତ କରାଯାଇଥିବା ବେଳେ ୩ ମାଲିକଙ୍କ ନାମରେ ମଧ୍ୟ ୬, ୭, ୮/୨୪ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଗୋପ ରେଞ୍ଜ ଅଧୀନରେ ୨୫ରୁ ଊର୍ଦ୍ଧ୍ୱ କରତକଳ ରହିଥିବା ବେଳେ କେତେକ କରତକଳ ଦୈନିକ ଚାଲୁଛି। ଫଳରେ ଏହିସବୁ କରତକଳରେ ଶତାଧିକ ଲୋକ ପେଟପାଟଣା ଲାଗି କାମ କରୁଥିବା ବେଳେ ପୁରୁଣା କରତକଳ ମାଲିକମାନେ ସେମାନଙ୍କ ସଂସାର ଚଳାଉଛନ୍ତି। ସୁପ୍ରିମକୋର୍ଟ ୨୦୦୦ ମସିହାରେ ସରକାରୀ ଜଙ୍ଗଲର ୧୦ କି.ମି. ପରିଧି ମଧ୍ୟରେ ରହିଥିବା କରତକଳଗୁଡ଼ିକୁ ବେଆଇନ ଘୋଷଣା କରିଥିଲେ। ଏହା ପରେ ଜଙ୍ଗଲ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ କରାଯାଉଛି। କିଛିଦିନ ହେବ ଗୋପ ଜଙ୍ଗଲ ବିଭାଗର ଜଣେ ଅଧିକାରୀ ବେଆଇନ କରତକଳ ମାଲିକଙ୍କଠାରୁ ମୋଟା ଅଙ୍କର ଅର୍ଥ ନେବା ଅଭିଯୋଗ ଆସିବା ପରେ ଗୋପ ରେଞ୍ଜର୍ ସୁଦର୍ଶନ ଦେହୁରୀ ଜିଲା ବନଖଣ୍ଡ ଅଧିକାରୀ ବିବେକ କୁମାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ତୁରନ୍ତ ବେଆଇନ କରତକଳ ଉପରେ ଚଢ଼ାଉ କରିବା ଲାଗି ଜିଲା ବନଖଣ୍ଡ ଅଧିକାରୀ ବିବେକ କୁମାର ନିର୍ଦ୍ଦେଶ ଦେବାପରେ ଏହି ଚଢ଼ାଉ କରାଯାଇଥିଲା।

### ଓକାକ୍‌କୁ ଧନ୍ୟବାଦ ଜଣାଇଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ପୁରୀ,୧୮।୧୦(ଅଜିତ କୁମାର ମହାନ୍ତି)

ଓଡ଼ିଶା କମ୍ପ୍ୟୁଟର୍ ଆପ୍ଲିକେଶନ୍ ସେଣ୍ଟର (ଓକାକ୍) ପକ୍ଷରୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ଉନ୍ନତ ମାନର ଭିଡିଓ କନଫରେନ୍ସିଂ ବ୍ୟବସ୍ଥା ସଂସ୍ଥାପନ କରାଯାଇଛି। ଏହି ବ୍ୟବସ୍ଥାକୁ ଓକାକ୍‌ର ବୈଷୟିକ ଟିମ୍ ସଂସ୍ଥାପନ କରିଛନ୍ତି। ଓକାକ୍‌ର ନିଜସ୍ୱ ପାଣ୍ଠିରୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ କରାଯାଇଥିବା ଏହି ବ୍ୟବସ୍ଥା ସକାଶେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କୃତଜ୍ଞତା ଜ୍ଞାପନ କରିଛନ୍ତି। ପତ୍ର ମାଧ୍ୟମରେ ଓକାକ୍ ଅଧ୍ୟକ୍ଷ ବିଶାଲ ଦେବଙ୍କୁ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ଶାରୀରିକ, ମାନସିକ ସୁସ୍ଥତା ମହିଳାଙ୍କୁ ସଶକ୍ତ କରିବ

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଓମେନ୍ ଇନ୍ ମିଡିଆ(ଓଡବ୍ଲ୍ୟୁଏମ୍) ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ୩୦ରୁ ଊର୍ଦ୍ଧ୍ୱ ମହିଳା ସାମ୍ବାଦିକ ଯୋଗଦେଇଥିଲେ। ମହିଳାଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ସମ୍ପର୍କରେ ରହିଥିବା ବିଭିନ୍ନ ଭ୍ରାନ୍ତଧାରଣା ଦୂର କରିବା ନେଇ ଆଲୋଚନା କରାଯାଇଥିଲା। ମଣିପାଲ ହସ୍ପିଟାଲର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର ଯୋଗଦେଇ ସଶକ୍ତ ମହିଳାଙ୍କ ପାଇଁ ଉଭୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ଆବଶ୍ୟକତା ରହିଛି ବୋଲି କହିଥିଲେ। ପ୍ରଥମ ଅଧିବେଶନରେ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ମଣିପାଲ ହସ୍ପିଟାଲର ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଏସ୍‌ଏ ଇଦ୍ରିସ୍ ଏହାର ଅଧ୍ୟକ୍ଷତା କରି ବର୍ତ୍ତମାନ ସମୟରେ ମହିଳାମାନେ ସମ୍ମୁଖୀନ ହେଉଥିବା ମାନସିକ ଚାପ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟରତ ମହିଳା ସାମ୍ବାଦିକମାନେ କିଭଳି ବିଭିନ୍ନ ପ୍ରକାର ମାନସିକ ଚାପକୁ ପରିଚାଳନା କରିବେ ଏବଂ କର୍ମକ୍ଷେତ୍ର ଓ ବ୍ୟକ୍ତିଗତ କ୍ଷେତ୍ରରେ ସମନ୍ୱୟ ରକ୍ଷା କରିବେ ତାହା ଉପରେ ସେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ମହିଳାଙ୍କ ଶାରୀରିକ ସ୍ୱାସ୍ଥ୍ୟ ଉପରେ ଆଲୋଚନା କରାଯାଇଥିଲା। ହସ୍ପିଟାଲର ବରିଷ୍ଠ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ହରପ୍ରିତ କୌର ଏଥିରେ ଅଧ୍ୟକ୍ଷତା କରି ମହିଳାଙ୍କଠାରେ ଦେଖାଯାଉଥିବା ସମସ୍ୟା ଯଥା ମାସିକ ଋତୁସ୍ରାବ ଓ ଗର୍ଭାବସ୍ଥା ସମୟରେ, ମେନୋପୋଜ୍ ବା ମାସିକ ଋତୁସ୍ରାବ ସମ୍ପୂର୍ଣ୍ଣ ବନ୍ଦ ହେବା ପରେ ଦେଖାଯାଉଥିବା ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଓଡବ୍ଲ୍ୟୁଏମ୍‌ର ସାରଦା ଲାହାଙ୍ଗିର ଏଭଳି କାର୍ଯ୍ୟକ୍ରମର ପରିକଳ୍ପନା ପାଇଁ ମଣିପାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ।



ମଣିପାଲ ହସ୍ପିଟାଲ ପରିସରରେ ଆୟୋଜିତ ଆଲୋଚନା ଚକ୍ରରେ ଯୋଗଦେଇଥିବା ଅତିଥିମାନେ।

# ସଚେତନ ରହିଲେ କୃଷି ଯନ୍ତ୍ରପାତିଜନିତ ଦୁର୍ଘଟଣା ରୋକିହେବ

ଭୁବନେଶ୍ୱର,୧୮।୧୦(ବନ୍ଦନା ସେଠୀ)

ନୂଆଦିଲ୍ଲୀସ୍ଥିତ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ପ୍ରାୟୋଜିତ ସର୍ବଭାରତୀୟ ସମନ୍ୱିତ ଗବେଷଣା ପ୍ରକଳ୍ପ 'କୃଷି ଶ୍ରମ ବିଜ୍ଞାନ ଓ ସୁରକ୍ଷା' ପକ୍ଷରୁ ଓୟୁଏଟିସ୍ଥିତ କୃଷିଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ପରିସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ଯନ୍ତ୍ରପାତି, ଟ୍ରାକ୍ଟର ଡ଼ାଲା ଓ ଅନ୍ୟାନ୍ୟ ଶକ୍ତିଚାଳିତ ଯନ୍ତ୍ରପାତିଜନିତ ଦୁର୍ଘଟଣା ରୋକିବା ନେଇ ସଚେତନ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସଞ୍ଜୟ କୁମାର ଦାଶ ଏଥିରେ ଅଧ୍ୟକ୍ଷତା କରିଥବଲେ। ଅତିଥି ଭାବେ ଓଡ଼ିଶା ରୋଡ଼ ଟ୍ରାନ୍ସପୋର୍ଟ ଯୁଗ୍ମ କମିଶନର ବିକାଶ ଚୌଧୁରୀ ଓ ଆରଟିଓ ସନତ୍ ଜେନା, ବିଭାଗୀୟ ମୁଖ୍ୟ ପ୍ରଫେସର ଅଜୟ ଦାଶ, ପ୍ରଫେସର ଜୟନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଟ୍ରାକ୍ଟର ଯନ୍ତ୍ରପାତି, ଟ୍ରାକ୍ଟର ଡାଲା ଓ ଅନ୍ୟାନ୍ୟ ଶକ୍ତି ଚାଳିତ ଯନ୍ତ୍ରପାତି ଯୋଗୁ ଘଟୁଥିବା ଦୁର୍ଘଟଣା ଉପରେ ଆଲୋକପାତ କରିଥିଲେ। ସଚେତନ ରହିଲେ ଏସବୁ ଦୁର୍ଘଟଣାକୁ ରୋକରାଯାଇପାରି ବୋଲି ସେ କହିଥିଲେ। ଏହି ଅବସରରେ ଅତିଥିମାନେ ହେଲମେଟ୍ ବିତରଣ କରିବା ସହ ବାସ୍ତବ କ୍ଷେତ୍ରରେ ଦୁର୍ଘଟଣା ରୋକିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ଟ୍ରାକ୍ଟର ଓ କୃଷି ଯନ୍ତ୍ରପାତି ଦୁର୍ଘଟଣା ନିବାରଣ ସପ୍ତାହ ଉପଲକ୍ଷେ ନୟାଗଡ଼ ଜିଲାସ୍ଥିତ ମୟୂରଝାଲିଆ ଗ୍ରାମରେ ଓୟୁଏଟି କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର କୃଷିଶ୍ରମ ବିଜ୍ଞାନ ଓ ସୁରକ୍ଷା ପ୍ରକଳ୍ପ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରକଳ୍ପ ତରଫରୁ ପ୍ରଫେସର ମାର୍କଣ୍ଡେୟ ମହାପାତ୍ର, ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର କଳସ ଏବଂ ବିଶିଷ୍ଟ ଚାଷୀ ରମେଶ ଚନ୍ଦ୍ର ରାଉତ ଅଂଶଗ୍ରହଣ କରିଥିଲେ।

## ନଭେମ୍ବର ୧୪ରୁ ପିକକ ଶିଶୁମେଳା

ଭୁବନେଶ୍ୱର,୧୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଚଳିତବର୍ଷ ୩୫ତମ ଶିଶୁ ମେଳା ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଏକାମ୍ର ହାଟର ମୁକ୍ତ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ। ପିପୁଲ୍ସ କଲ୍‌ଚରାଲ ସେଣ୍ଟର (ପିକକ) ଦ୍ୱାରା ୧୯୯୦ ମସିହାରୁ ଶିଶୁ ଅଧିକାର ସପ୍ତାହରେ ସପ୍ତାହବ୍ୟାପୀ ଶିଶୁମେଳା ଅନୁଷ୍ଠିତ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଶିଶୁ ମେଳା ପୂର୍ବରୁ ଓ ଶିଶୁ ମେଳାର ବିଭିନ୍ନ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପିକକର ବିଭିନ୍ନ ବାର୍ଷିକ ସମ୍ମାନ ପାଇଁ ନାମାଙ୍କନ ଆହ୍ୱାନ କରାଯାଉଛି। ପ୍ରତିଯୋଗୀଙ୍କୁ ଶ୍ରେଣୀ ଅନୁସାରେ ଶିଶୁ, ସବଜୁନିୟର, ଜୁନିୟର, ସିନିୟର ଏବଂ ସୁପର ସିନିୟର ଗ୍ରୁପରେ ବିଭକ୍ତ କରାଯାଇ ସମ୍ମାନ ପ୍ରଦାନ କରାଯିବ।

# 'ଲେଖକ ମୂଲ୍ୟବୋଧଭିତ୍ତିକ ଲେଖା ଲେଖନ୍ତୁ'


ରାଜ୍ୟପାଳ ରଘୁବର ଦାସ ଓ ଅନ୍ୟମାନେ ଉପନ୍ୟାସ ଉନ୍ମୋଚନ କରୁଛନ୍ତି।

କଟକ,୧୮।୧୦ (କାର୍ତ୍ତିକ ସାହୁ)

**ରାଜ୍ୟପାଳଙ୍କ ଦ୍ୱାରା ଉପନ୍ୟାସ 'ପ୍ରାଧାନ୍ୟ' ଉନ୍ମୋଚିତ**

ଭାଷା ପ୍ରକାଶନ ଦ୍ୱାରା ପ୍ରକାଶିତ କଥାକାର ଉମାଶଙ୍କର ମିଶ୍ରଙ୍କ ଉପନ୍ୟାସ 'ପ୍ରାଧାନ୍ୟ'କୁ ରାଜ୍ୟପାଳ ରଘୁବର ଦାସ ରାଜଭବନଠାରେ ଶୁକ୍ରବାର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି, ସମାଜକୁ ଶୃଙ୍ଖଳିତ ଓ ଉଚିତ ମାର୍ଗରେ ପରିଚାଳନା କରିବାରେ ଲେଖକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଲେଖକମାନେ ଅଧିକରୁ ଅଧିକ ମୂଲ୍ୟବୋଧଭିତ୍ତିକ ଲେଖା ଲେଖନ୍ତୁ। ପ୍ରଫେସର ଉମାଶଙ୍କର ମିଶ୍ର ପୁସ୍ତକ ସମ୍ପର୍କରେ ମତ ରଖିଥିଲେ। ପ୍ରକାଶକ ସଞ୍ଜିତ୍ କୁମାର ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ସନ୍ଦୀପ ମିଶ୍ର, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଇଂଲିଶ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ମନୀଷା ମିଶ୍ର, ଚିକିତ୍ସାବିତ୍ ପ୍ରଫେସର ଆନନ୍ଦ ଗରାବଡ୍ଡୁ, ଲେଖକ ସୁପ୍ରକାଶ ମିଶ୍ର ପ୍ରମୁଖ ପୁସ୍ତକର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ।

## ୮ବାଇକ୍, କାର୍ ଜବତ: ଜଣେ ଗିରଫ

ବାଲିପାଟଣା,୧୮।୧୦(ଅଭିମନ୍ୟୁ ନାୟକ )

ବାଇକ୍ ଚୋରି ଘଟଣାରେ ବାଲିପାଟଣା ଥାନା ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ହୃଷିକେଶ ବେହେରା (୪୨)। ତାଙ୍କ ନିକଟରୁ ୮ଟି ବାଇକ୍, ଲୁନା, କାର୍ ଜବତ ହୋଇଛି। ସୂଚନା ମୁତାବକ, ଗତ କିଛିଦିନ ହେବ ବାଲିପାଟଣା ଅଞ୍ଚଳରେ ବାଇକ୍ ଚୋରି ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଚୋରକୁ ଧରିବା ପାଇଁ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ବାଲିପାଟଣା ବନମାଳିପୁର ଅଞ୍ଚଳ ଲକ୍ଷ୍ମୀଜନାର୍ଦ୍ଦନପାଟଣା ଗ୍ରାମରେ ଚଢ଼ାଉ କରି ହୃଷିକେଶଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୪୨/୨୪) ରୁଜୁକରି ଅଧିକ ତଥ୍ୟ ସଂଗ୍ରହ ପାଇଁ ଅଭିଯୁକ୍ତଙ୍କୁ ପଚରାଉଚରା କରୁଛି।

## ବାଲିଯାତ୍ରା ନେଇ ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟିକା

କଟକ,୧୮।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରା ପଡିଆରେ ହେବାକୁ ଥିବା ବାଲିଯାତ୍ରା ଆୟୋଜନକୁ ବିଶେଷ ଗୁରୁତ୍ୱ ଦେବା ପାଇଁ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଶୁକ୍ରବାର ଏକ ଚିଠି ଲେଖିଛନ୍ତି। ବାଲିଯାତ୍ରାରେ ପ୍ଲଟ୍ ଆବଣ୍ଟନବେଳେ ସମସ୍ତ ଆବେଦନକାରୀଙ୍କୁ ବ୍ୟବସାୟ ପାଇଁ ସୁଯୋଗ ଦେବାକୁ ପ୍ରଶାସନ ସହଯୋଗ କରିବା, ବିଭିନ୍ନ ସାମଗ୍ରୀର ମାତ୍ରାଧିକ ଦର ବୃଦ୍ଧି ନିୟନ୍ତ୍ରଣ କରିବା, ବାଲିଯାତ୍ରାରେ ବଡ଼ ବଡ଼ କର୍ପୋରେଟ ସଂସ୍ଥା ଓ କମ୍ପାନୀକୁ ଆଣୁଥିବା ବିଭିନ୍ନ ଆଡ୍ ଏଜେନ୍ସିକୁ ଅଂଶଗ୍ରହଣ ପାଇଁ ସୁଯୋଗ ଦେବା ସହ ଦେଶବିଦେଶର ବହୁଜାତୀୟ କମ୍ପାନୀକୁ ଆହ୍ୱାନ କରାଯିବା, ଦୋକି ବ୍ୟବସାୟୀଙ୍କୁ ସର୍ବନିମ୍ନ ମୂଲ୍ୟରେ ଜମି ଯୋଗାଇ ଦିଆଯିବା, ଗାଡ଼ି ପାର୍କିଂ ପାଇଁ ଦରଧାର୍ଯ୍ୟ, ଗାଡି ଷ୍ଟାଣ୍ଡ ପାଇଁ ଉପଯୁକ୍ତ ସ୍ଥାନ ଚୟନ କରିବା, ପର୍ଯ୍ୟାପ୍ତ ପରିମାଣର ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ସହରର ସମସ୍ତ ପ୍ରବେଶ ପଥ ଏବଂ ସମ୍ବେଦନଶୀଳ ଅଞ୍ଚଳରେ ପର୍ଯ୍ୟାପ୍ତ ସିସିଟିଭି ଲଗାଯିବା ଭଳି ବିଭିନ୍ନ ପ୍ରସଙ୍ଗ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

# ଅଣପଞ୍ଜୀକୃତ ହବିଷିଆଳିଙ୍କ ଥଇଥାନ ବନ୍ଦୋବସ୍ତ କଲା ପ୍ରଶାସନ

ପୁରୀ,୧୮।୧୦(ଅଜିତ କୁମାର ମହାନ୍ତି)

**ଧାରଣାସ୍ଥଳରେ ଜଣେ ଅଚେତ**

ରାଜ୍ୟ ସରକାରଙ୍କ ହବିଷିଆଳି ଯୋଜନା। ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ତେବେ ଗୁରୁବାରଠାରୁ ୪ଟି ଶିବିରରେ ପଞ୍ଜୀକୃତ ହବିଷିଆଳିମାନେ ରହିଥିବାବେଳେ ଅଣପଞ୍ଜୀକୃତ ହବିଷିଆଳିଙ୍କୁ ଅନୁମତି ନ ମିଳିବାରୁ ସେମାନେ ଧାରଣା ଦେଇଥିଲେ। ବୃନ୍ଦାବତୀ ଶିବିର ବାହାରେ ଅନେକ ହବିଷିଆଳି ବସିରହିଥିଲେ। ଜିଲା ପ୍ରଶାସନର ଅଧିକାରୀମାନେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଶିବିର ବାହାରେ ଅନେକ ହବିଷିଆଳି ରାତି କାଟିଥିଲେ। ଶୁକ୍ରବାର ସକାଳେ ସେମାନେ ଖରାରେ ବସି ରହିବାରୁ ଜଣେ ଅଣପଞ୍ଜୀକୃତ ହବିଷିଆଳି ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯିବା ପରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଘର ଯାଜପୁର ଜିଲା ବରୀ ଅଞ୍ଚଳରେ ବୋଲି ଜଣାପଡ଼ିଛି। ପରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶିବିରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ସହ ହବିଷିଆଳିଙ୍କ ଥଇଥାନ ବନ୍ଦୋବସ୍ତ କରିଥିଲେ। ପଞ୍ଜୀକରଣରେ ସମସ୍ୟା ଥିବା ହବିଷିଆଳିଙ୍କୁ ପ୍ରଥମେ ବେସମେଣ୍ଟରେ ରଖାଯିବ ଓ ପରେ ଭ୍ୟାକେନ୍ସି ହେଲେ ସେମାନଙ୍କୁ ଥଇଥାନ କରାଯିବ। ପଞ୍ଜୀକରଣ କରି ନ ଥିଲେ ଦୁଦୁଆଲାରେ ରଖିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଜିଲାପାଳ କହିଛନ୍ତି।

# ଖୋର୍ଦ୍ଧା, ଭରତପୁର ପୋଲିସର ବୟାନ ରେକର୍ଡ

ଖୋର୍ଦ୍ଧା,୧୮।୧୦(ପ୍ରଭାତ ପାଣିଗ୍ରାହୀ)

**ବାପାଙ୍କୁ ସାନପୁଅ ନଜରବନ୍ଦୀ ରଖିବା ମାମଲା**

ଭରତପୁର ଥାନା ଅଞ୍ଚଳର ଅବସରପ୍ରାପ୍ତ କର୍ମଚାରୀ ଭୁବନେଶ୍ୱର ରାଉତରାୟଙ୍କୁ ତାଙ୍କ ସାନପୁଅ ନଜରବନ୍ଦୀ ରଖିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଶୁକ୍ରବାର ଖୋର୍ଦ୍ଧା ଟାଉନ ପୋଲିସ ଏବଂ ଭରତପୁର ପୋଲିସ ପୃଥକ୍‌ଭାବେ ଭୁବନେଶ୍ୱରଙ୍କ ବୟାନ ରେକର୍ଡ କରିଛି। ଦୁଇଗୁଣ୍ଡା ଭାତ ଖାଇ ପଡିଛି, ଦେହ ଭଲ ରହୁନାହିଁ। ଡାକ୍ତର କ'ଣ ଔଷଧ ଦେଉଛନ୍ତି, କିଛି ଜାଣିନି। ସକାଳୁ ଉଠିଲେ ମୁଣ୍ଡ ବୁଲାଇ ହେଉଛି। ଏଠାରେ ରହିବାକୁ ଚାହୁଁନି, ବଡ଼ପୁଅ ପାଖକୁ ଯିବେ ବୋଲି ଭୁବନେଶ୍ୱର ବୟାନ ଦେଇଥିବା ସୂଚନା ମିଳିଛି।

ଅଭିଯୋଗ ମୁତାବକ, ଭରତପୁର ଥାନା ଅଞ୍ଚଳର ଅବସରପ୍ରାପ୍ତ କର୍ମଚାରୀ ଭୁବନେଶ୍ୱରଙ୍କୁ ତାଙ୍କ ସାନପୁଅ ଘରେ ନଜରବନ୍ଦୀ କରି ରଖିଛନ୍ତି। ଏପରିକି ତାଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦେଉଛନ୍ତି। ସେଠାରୁ ଭୁବନେଶ୍ୱରଙ୍କୁ ଉଦ୍ଧାର ପାଇଁ ବଡ଼ପୁଅ କର୍ନେଲ ଅରୁଣ କୁମାର ରାଉତରାୟ ଗତ ଅଗଷ୍ଟ ୩୧ରେ ଖୋର୍ଦ୍ଧା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାନଭାଇ କୌଣସି କାମ କରୁ ନ ଥିବା ବେଳେ ବାପାଙ୍କୁ ଧମକାଇ ସମସ୍ତ ପୈତୃକ ସମ୍ପତ୍ତି ନିଜ ନାମରେ ଲେଖାଇ ନେଇଛି। ଏପରିକି ବାପାଙ୍କୁ ଦେଖା କରିବାକୁ ଦେଉ ନ ଥିବା ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ। ତେବେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଅରୁଣ ଭରତପୁର ଥାନାରେ ଅକ୍ଟୋବର ୧୦ ଏବଂ ୧୮ ତାରିଖରେ ପୁଣି ଖୋର୍ଦ୍ଧା ଟାଉନ ଥାନାରେ ସମାନ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଏସ୍‌ପି ସାଗରିକା ନାଥଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ପୋଲିସ ଭୁବନେଶ୍ୱରଙ୍କ ବୟାନ ରେକର୍ଡ କରିଥିଲା। ଅନ୍ୟପଟେ ଏ ସମ୍ପର୍କରେ ଅରୁଣ କହିଛନ୍ତି, ବାରମ୍ବାର ଅଭିଯୋଗ ପରେ ଉଭୟ ଥାନା ପୋଲିସ ବାପାଙ୍କ ବୟାନ ରେକର୍ଡ କରିଛି। ତୁରନ୍ତ ସେଠାରୁ ବାପାଙ୍କୁ ଉଦ୍ଧାର ପାଇଁ ନିବେଦନ କରିଛନ୍ତି। ବାପାଙ୍କ କୌଣସି ଅସୁବିଧା ହେଲେ ଜିଲା ପ୍ରଶାସନ ଓ ପୋଲିସ ଉତ୍ତରଦାୟୀ ରହିବ ବୋଲି କହିଛନ୍ତି।

# ୟୁକୋ ବ୍ୟାଙ୍କ ପକ୍ଷରୁ ଏପିୱାଇ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ପୁରୀ,୧୮।୧୦(ଅଜିତ୍ କୁମାର ମହାନ୍ତି)




ଅଟଳ ପେନ୍‌ସନ୍ ଯୋଜନା (ଏପିୱାଇ)ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପେନ୍‌ସନ୍ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ (ପିଏଫ୍‌ଆର୍‌ଡିଏ) ପକ୍ଷରୁ ୟୁକୋ ବ୍ୟାଙ୍କ, ଆବାହକ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି (ଏସ୍‌ଏଲ୍‌ବିସି) ଆନୁକୂଲ୍ୟରେ ଏକ ହୋଟେଲରେ ଶୁକ୍ରବାର ରାଜ୍ୟସ୍ତରୀୟ ଅଟଳ ପେନ୍‌ସନ୍ ଯୋଜନା ସମ୍ପର୍କିତ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ବ୍ୟାଙ୍କର ପ୍ରଶାସନିକ ମୁଖ୍ୟ, ଡିଡିଏମ୍ ନାବାର୍ଡ, ସମସ୍ତ ଜିଲାର ଅଗ୍ରଣୀ ଜିଲା ପ୍ରବନ୍ଧକ, ବର୍ତ୍ତମାନ ତଥା ସମ୍ଭାବ୍ୟ ଅଟଳ ପେନ୍‌ସନ୍ ହିତାଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ୟୁକୋ ବ୍ୟାଙ୍କ ମହାପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ଆବାହକ ଗୌତମ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପେନ୍‌ସନ୍ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ (ପିଏଫ୍‌ଆରଡିଏ) ଅଧ୍ୟକ୍ଷ ଡ. ଦୀପକ ମହାନ୍ତି ଅସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଇଁ ପେନ୍‌ସନ୍‌ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାରେ କାର୍ଯ୍ୟ କରୁଥିବା ସମସ୍ତ ବ୍ୟାଙ୍କ ସେମାନଙ୍କ ଅଟଳ ପେନ୍‌ସନ୍ ଯୋଜନା ପଞ୍ଜୀକରଣ କ୍ଷେତ୍ରରେ ଉନ୍ନତି ଆଣିବାକୁ ସେ ପରାମର୍ଶ ଦେଇଛନ୍ତି। ପୁରୀ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଅସଂଗଠିତ କ୍ଷେତ୍ରରେ ଲୋକଙ୍କ ଉନ୍ନତି ପାଇଁ ମନୋଭାବ, ଦକ୍ଷତା ଓ ଜ୍ଞାନର ମିଶ୍ରଣ ଉପରେ ଧ୍ୟାନ ଦେବାକୁ ସମସ୍ତ ଅଂଶୀଦାରଙ୍କୁ କହିଥିଲେ। ଏସ୍‌ବିଆଇ ସିଜିଏମ୍ ଦୀନେଶ ପରୁଥି ସାମାଜିକ ନିରାପତ୍ତା ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପ୍ରତି ଏସ୍‌ବିଆଇର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଏପିୱାଇର ପ୍ରଚାର ପାଇଁ ସେ ସମସ୍ତ ଅଂଶୀଦାରଙ୍କୁ ପରାମର୍ଶ ଦେଇଥିଲେ। ପିଏଫ୍‌ଆରଡିଏର ସିଜିଏମ୍ ପ୍ରବେଶ କୁମାର ଓଡ଼ିଶାରେ ଏପିୱାଇର ଉଚ୍ଚ ସମ୍ଭାବନା ସମ୍ପର୍କରେ କହିଥିଲେ। ଏହି ଅବସରରେ ୫ଟି ଅଗ୍ରଣୀ ଜିଲା ପ୍ରବନ୍ଧକ ଓ ୬ଟି ବ୍ୟାଙ୍କଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏପିୱାଇରେ ଉଲ୍ଲେଖନୀୟ ସଫଳତା ପାଇଁ ୮ଟି ବ୍ୟାଙ୍କ ଓ ୨୦ଟି ଅଗ୍ରଣୀ ଜିଲା ପ୍ରବନ୍ଧକଙ୍କୁ ପ୍ରୋଟୋଟାଇପ୍ ପ୍ରାନ୍ କାର୍ଡ ପ୍ରଦାନ କରାଯାଇଥିଲା। ପିଏଫ୍‌ଆରଡିଏର ଡିଜିଏମ୍ ପ୍ରିୟଙ୍କା ଗୁପ୍ତା ଏପିୱାଇର ପିପିଟି ଉପସ୍ଥାପନ କରି ଓଡ଼ିଶାରେ ଏହାର ପ୍ରଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଏସ୍‌ଏଲ୍‌ବିସି ପ୍ରଭାରୀ ଲିଙ୍ଗରାଜ ନାୟକ ଧନ୍ୟବାଦ ଦେଇଥିଲେ।

# ଜମିରେ ପାଣି ନାହିଁ, ଚିନ୍ତାରେ ଚାଷୀ

**ବେଗୁନିଆ ବ୍ଲକ୍‌ରେ ଧାନଫସଲ ନଷ୍ଟ ଆଶଙ୍କା**

**■ମୋଟର ପମ୍ପକୁ ଭରସା, ଜଳସେଚନ ସୁବିଧା ଦାବି**

ବେଗୁନିଆ,୧୮।୧୦(ହର ପ୍ରସନ୍ନ ପଣ୍ଡା)



ନିଅଣ୍ଟିଆ ବର୍ଷା ଓ ଜଳସେଚନ ସୁବିଧା ନ ଥିବାରୁ ବେଗୁନିଆ ବ୍ଲକ ଅଞ୍ଚଳରେ ଧାନଫସଲ ନଷ୍ଟ ନେଇ ଆଶଙ୍କା ପ୍ରକାଶ ପାଇଛି। ଉଚ୍ଚା ଜମି ଫାଟି ଆଁ କଲାଣି। ଆଗାମୀ ଦିନରେ ବର୍ଷା ନ ହେଲେ ଚାଷୀଙ୍କ ଚିନ୍ତା ଦ୍ୱିଗୁଣିତ ହେବ। ଅନ୍ୟପଟେ କେତେଜଣ ଚାଷୀ ମୋଟର ପମ୍ପ୍ ଦ୍ୱାରା ଜମିରେ ପାଣି ମଡ଼ାଉଥିବା ଦେଖିବାକୁ ମିଳିଛି।

ସୂଚନାଥାଉ କି, ବେଗୁନିଆ ବ୍ଲକ ଅଞ୍ଚଳରେ ୮୦ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭରଶୀଳ। ଚଳିତ ଖରିଫ ଋତୁରେ ଏହି ବ୍ଲକ ଅଞ୍ଚଳରେ ପ୍ରାୟ ୧୪ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଧାନଚାଷ କରାଯାଇଛି। ଏବେ ଧାନଫସଲର ଥୋଡ଼ ସମୟ ଆସିଛି। ଆଉ କିଛିଦିନ ପରେ ଫସଲ ଅମଳ ହୋଇଥାନ୍ତା। ହେଲେ ନିଅଣ୍ଟିଆ ବର୍ଷା ଯୋଗୁ ଉଚ୍ଚାଜମିର ମାଟି ଆଁ କଲାଣି। ମାତ୍ରାଧିକ ଖରା ଯୋଗୁ ଧାନ ଥୋଡ଼ ଶୁଖିଯାଉଛି। ଫସଲ ବଞ୍ଚାଇବା ପାଇଁ କେତେଜଣ ଚାଷୀ ମୋଟର ପମ୍ପରେ ଜମିକୁ ପାଣି ମଡ଼ାଉଛନ୍ତି। ଫଳରେ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଅନ୍ୟପକ୍ଷରେ ଜଳସେଚନ ବ୍ୟବସ୍ଥା ବେଗୁନିଆ ବ୍ଲକ ଅଞ୍ଚଳର ଚାଷୀଙ୍କ ପାଇଁ ସାତସପନ ପାଲଟିଛି। କୃଷି ବିଭାଗର କାଗଜପତ୍ରରେ ପ୍ରାୟ ୨୦ପ୍ରତିଶତ ଜମିରେ ପାଣି ମାଡୁଥିବା ଦର୍ଶାଯାଇଛି। ହେଲେ ବ୍ଲକ ଅଞ୍ଚଳରେ ୭ ପ୍ରତିଶତ ବ୍ୟବସ୍ଥା ହୋଇଛି ବୋଲି ଏକ ବେସରକାରୀ ସଂସ୍ଥା ଅନୁଧ୍ୟାନରୁ ଆକଳନ କରାଯାଇଛି। ସେହିପରି ସରକାରଙ୍କ ପକ୍ଷରୁ ରିଭର ଲିଫ୍ଟ, ବୋର୍ ପଏଣ୍ଟ, ଆଡ଼ିବନ୍ଧ ମାଧ୍ୟମରେ କିଛି ଚାଷଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇଛି। ତେବେ ବିଭିନ୍ନ କାରଣରୁ ତାହା ଚାଷୀଙ୍କ ହିତରେ ଲାଗୁନାହିଁ। ଖରିଫ ଋତୁରେ ଧାନ ଓ ଅଣଧାନ ଚାଷ ପାଇଁ କେବଳ ବର୍ଷା ଭରସା ପାଲଟିଛି। ଯଦି ସ୍ଥାୟୀ ଜଳସେଚନ ବ୍ୟବସ୍ଥା ହୋଇଥାନ୍ତା ତେବେ ଧାନଫସଲ ନଷ୍ଟ ହୋଇ ନ ଥାନ୍ତା ବୋଲି ଚାଷୀ ସଙ୍ଗଠନ ଓ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏଥିଲାଗି ମଧ୍ୟ କୃଷି ଓ ଜଳସେଚନ ବିଭାଗକୁ ଦାୟୀ କରିଛନ୍ତି ସଙ୍ଗଠନର ସଭ୍ୟ ମଦନମୋହନ ସାହୁ, ଅକ୍ଷୟ ରଥ, ଚାଷୀ ପ୍ରସନ୍ନ ମହାପାତ୍ର ଏବଂ ଶିବ ମୁନି। ଅନ୍ୟପଟେ ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କହିଛନ୍ତି, ସମ୍ପ୍ରତି ବର୍ଷା ଅଭାବ ଏବଂ ଗ୍ରୀଷ୍ମପ୍ରବାହ ଯୋଗୁ ଆଗାମୀ ଦିନରେ ଧାନଫସଲ ଉପରେ ପ୍ରଭାବ ପଡ଼ିବ। କିନ୍ତୁ ଏବେସୁଦ୍ଧା କୌଣସି ଅସୁବିଧା ହୋଇନାହିଁ।

## ସଂକ୍ଷେପରେ

### ବାଲି ଚାଲାଣବେଳେ ଟ୍ରାକ୍ଟର ଜବତ : ଚାଳକ ଫେରାର

ଖୁଣ୍ଟୁଣୀ,୧୮।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଗୋବରା ସଂରକ୍ଷିତ ଜଙ୍ଗଲରୁ ଗୁରୁବାର ବାଲି ଚୋରାଚାଲାଣବେଳେ ବନ ବିଭାଗ ଏକ ଟ୍ରାକ୍ଟର ଜବତ କରିଛି। ଚଢ଼ାଉବେଳେ ଚାଳକ ଟ୍ରାକ୍ଟର ଛାଡ଼ି ଫେରାର ହୋଇଯାଇଛନ୍ତି। ପୂର୍ବାହ୍ନରେ ଉକ୍ତ ଜଙ୍ଗଲରୁ ବାଲି ଚୋରାଚାଲାଣ କରାଯାଉଥିଲା। ଖବରପାଇ ଗୁରୁଡ଼ିଝାଟିଆ ଫରେଷ୍ଟର ପ୍ରମୋଦ କୁମାର ନାୟକଙ୍କ ସମେତ ବନ କର୍ମଚାରୀମାନେ ସେଠାରେ ଚଢ଼ାଉ କରିଥିଲେ। ଜବତ ଟ୍ରାକ୍ଟରକୁ ସ୍ଥାନୀୟ ବିଟ୍ ହାଉସରେ ରଖାଯାଇଛି। ଏ ନେଇ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ଏକ ମାମଲା(ନଂ.୧୭/୨୪) ରୁଜୁ ହୋଇଛି।

### କେନାଲ ପାଣିରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ସାଲେପୁର,୧୮।୧୦(ଅରବିନ୍ଦ ଭୂୟାଁ)

ସାଲେପୁର ଦେଇ ଯାଇଥିବା କେନ୍ଦ୍ରାପଡ଼ା କେନାଲର ଉରବଟେଶ୍ୱର ତୁଠ ନିକଟରୁ ଶୁକ୍ରବାର ସକାଳେ ଜଣେ ବୃଦ୍ଧଙ୍କ ମୃତଦେହ ମିଳିଛି। ସେ ହେଲେ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ଅଞ୍ଚଳର ରାମଚନ୍ଦ୍ର ମହାନ୍ତ (୮୦)। ସେ ପ୍ରତିଦିନ ପରି ଗୁରୁବାର କେନାଲ କୂଳବନ୍ଧକୁ ସାନ୍ଧ୍ୟଭ୍ରମଣ କରିବାକୁ ଯାଇଥିଲେ। କୌଣସି କାରଣରୁ ସେ ପାଣିରେ ଖସିପଡ଼ିଥିଲେ। ଶୁକ୍ରବାର ସକାଳୁ ତାଙ୍କର ମୃତଦେହ ଉରବଟେଶ୍ୱର ଗ୍ରାମ ତୁଠ ନିକଟରେ ଲାଗିଥିଲା। ଖବରପାଇ ସାଲେପୁର ପୋଲିସ ମୃତଦେହ ଜବତ କରିବାପରେ ପରିବାର ଲୋକେ ଚିହ୍ନଟ କରିଛନ୍ତି।

### ବୁଲେଟ୍ ଧକ୍କାରେ ସାଇକେଲ ଚାଳକ ଗୁରୁତର

ବାରଙ୍ଗ,୧୮।୧୦(ଲିଙ୍ଗରାଜ ରାଉତ)- ଫକୀରପଡ଼ା ଛକରେ ବୁଲେଟ୍ ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ସକାଳେ ଫକୀରପଡ଼ା ଗ୍ରାମ ଭୋଇସାହିର ବସନ୍ତ ଭୋଇ (୫୫) ନାମକ ଜଣେ ବ୍ୟକ୍ତି ଘରୁ ତ୍ରିଶୂଳିଆ ବଜାରକୁ ସାଇକେଲ ଯୋଗେ ଯାଉଥିଲେ। ଫକୀରପଡ଼ା ଛକରେ ଏକ ବୁଲେଟ୍ ପଛପଟୁ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବସନ୍ତଙ୍କ ଡାହାଣଗୋଡ଼ ଉପରେ ବୁଲେଟ ଚଢ଼ିଯିବାରୁ ଗୋଡ଼ଟି ଭାଙ୍ଗିଯାଇ ଗୁରୁତର ହୋଇଥିଲେ। ଦୁର୍ଘଟଣା ଘଟାଇ ଖସି ପଳାଉଥିବା ବୁଲେଟ୍‌କୁ ସ୍ଥାନୀୟ ଲୋକେ ଅଟକାଇଥିଲେ। ଗୁରୁତର ବସନ୍ତଙ୍କୁ କଟକ ବଡ଼ ମେଡିକାଲ୍‌କୁ ପଠାଯାଇଥିଲା। ଏହି ସମୟରେ କୌଶଳକ୍ରମେ ବୁଲେଟ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# କେନାଲରେ ଯାଉନାହିଁ ପାଣି, ଚିନ୍ତାରେ ଚାଷୀ

- ଧାନ ଜମି ଫାଟିଲାଣି
- ଜବରଦଖଲ କରାଯାଇ ସ୍ଥାୟୀ ଗୃହ ନିର୍ମାଣ କରାଯାଇଛି
- ଅଳିଆ ଆବର୍ଜନା, ଅନାବନା ଘାସରେ ଭରପୂର ରହିଛି
- ଆନ୍ଦୋଳନ ପାଇଁ ଚେତାବନୀ

ନିଶ୍ଚିନ୍ତକୋଇଲି ,୧୮।୧୦ (ଅଶୋକ କୁମାର ମହାପାତ୍ର)



କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ରକାର କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କେନାଲ ସାହାଯ୍ୟରେ ଚାଷ ଜମିକୁ ଜଳ ସେଚନ କରାଇବା ସହ ଏବଂ ଚାଷୀଙ୍କୁ ସୁଲଭ ମୂଲ୍ୟରେ ବିହନ, ରାସାୟନିକ ସାର, କୀଟନାଶକ ଯୋଗାଇ ଦେବା ନିମନ୍ତେ ସରକାର ଲକ୍ଷାଧିକ ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ମାତ୍ର କେନ୍ଦ୍ରାପଡା ଜିଲା ଛଡା ଜଳସମ୍ପଦ ବିଭାଗ ତଥା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଅଞ୍ଚଳରେ କେନାଲରେ ପାଣି ଯାଉ ନ ଥିବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ପାଣି ନ ପାଇ ଧାନ ଜମିଗୁଡ଼ିକ ଫାଟିଯିବାରୁ ସେମାନଙ୍କ ଚିନ୍ତା ବଢ଼ିଯାଇଛି। ଏନେଇ ପ୍ରଶାସନିକସ୍ତରରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନର ସ୍ଥାଣୁତା ଓ ଦାୟିତ୍ୱହୀନତା କାରଣରୁ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ କରିବା ନିମନ୍ତେ ସଜବାଜ ହେଉଥିବା ଚର୍ଚ୍ଚା ହେଉଛି।

ନିଶ୍ଚିନ୍ତକୋଇଲି ବ୍ଲକ ଦେଇ ପ୍ରବାହିତ ୯ନଂ. କେନାଲର ସୁକରପଡାଠାରୁ ୯ ନମ୍ବର ଡି. କେନାଲ ବାହାରିଛି। ଏହି କେନାଲ ଉପରେ ଜଳସେଚନ ନିମନ୍ତେ ସ୍ଥାନୀୟ ଅସୁରେଶ୍ୱର ଗ୍ରାମପଞ୍ଚାୟତର କେନ୍ଦିଲୋ, ସୁକରପଡା ପଞ୍ଚାୟତର ରାଣୀପଡା ଓ ବନମାଳିପୁର ଆଦି ଗ୍ରାମର ବହୁ ଚାଷୀ ନିର୍ଭର କରିଥାନ୍ତି। ଦୀର୍ଘ ୮ବର୍ଷ ହେଲା କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱଦେଇ ଯାଇଥିବା ଏହି କେନାଲକୁ ବହୁ ସ୍ଥାନରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ସ୍ଥାୟୀ ଗୃହ ନିର୍ମାଣ କରିଛନ୍ତି। ଫଳରେ ଜଳ ସେଚନ ନିମନ୍ତେ ଅନ୍ତରାୟ ସୃଷ୍ଟି କରିଛି। କେନାଲ ଦେଇ କୌଣସି ଜଳ ପ୍ରବାହିତ ହୋଇପାରୁନାହିଁ। କେନାଲ ଏକରକମ ଶୁଖିଲା ପଡ଼ିଛି। ପ୍ରତିବର୍ଷ ଏହି କେନାଲକୁ କାଗଜକଲମରେ ସଫେଇ ଓ ମରାମତି କରାଯାଇ ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ଲୁଟି ନିଆଯାଉଛି। ମାତ୍ର କେନାଲରେ କୌଣସି ପରବର୍ତ୍ତନ ହେଉନଥିବା ଅଭିଯୋଗ ହୋଇଛି। ଏହି କେନାଲଟି ଅଳିଆ ଆବର୍ଜନା, ଅନାବନା ଘାସ ଓ କଳମ ନାଟିଆରେ ଭରପୂର ହୋଇ ରହିଛି। ଫଳରେ କେନାଲରେ ପାଣି ଯାଇପାରୁନାହିଁ। ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଚଳିତ ବର୍ଷ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ, ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ଆଣି ଧାନଚାଷ କରିଥିଲେ। ଚାଷୀମାନେ ମୌସୁମୀ ବର୍ଷା ଉପରେ ନିର୍ଭର କରି ଏହି ଧାନଚାଷ କରିଥିଲେ। ଏବେ ମୌସୁମୀ ଫେରିଯାଇଛି। ସ୍ଥାନୀୟ ଅଞ୍ଚଳରେ ବର୍ଷା ହେଉନାହିଁ। ଅପରପକ୍ଷେ କାର୍ତ୍ତିକ ମାସରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଧାନ ଜମି ଫାଟି ଆଁ କଲାଣି। ଏପରିସ୍ଥଳେ କେନାଲରେ ପାଣି ଯାଉନଥିବାରୁ ଚାଷୀ ମୁଣ୍ଡରେ ଚଡ଼କ ପଡିଛି। ଚଳିତ ବର୍ଷ ଏହି ଅଞ୍ଚଳର ବହୁଏକର ଜମିରେ ଧାନଚାଷ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏନେଇ ଚାଷୀ ତାର ବର୍ଷକର ଆହାର କିପରି ପାଇବ ଓ ଋଣ କିପରି ପରିଶୋଧ କରିବ ସେନେଇ ଚିନ୍ତାରେ ଭାଙ୍ଗିପଡିଛି। ଏନେଇ ମାହାଙ୍ଗାର ନବନିର୍ବାଚିତ ବିଧାୟକ, ନିଶ୍ଚିନ୍ତକୋଇଲି ତହସିଲଦାର ଓ ପୁବଂଶ ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପ୍ରଶାସନ ତରଫରୁ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଚାଷୀମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ମାନସ ବେହେରା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ନବୀନ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ନାଟ୍ୟ ନିର୍ଦ୍ଦେଶକ ଲକ୍ଷ୍ମୀଧର ଦଳେଇଙ୍କୁ ଗଣକବି ସମ୍ମାନ



ମାଣିଆବନ୍ଧ, ୧୮।୧୦ (ଅଖିଳ କୁମାର ସାହୁ)

ଗଣକବି ବୈଷ୍ଣବ ପାଣି ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ରାଜ୍ୟସ୍ତରୀୟ ଗଣକବି ସମ୍ମାନରେ ବଡ଼ମ୍ବା ବ୍ଲକ ମାଣିଆବନ୍ଧ ଗ୍ରାମର ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଲକ୍ଷ୍ମୀଧର ଦଳେଇଙ୍କୁ ସମ୍ମାନିତ କରାଯାଇଛି। ଏନେଇ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି। ଏହାପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ଦଳେଇଙ୍କୁ ଶୁଭେଚ୍ଛା ଜଣାଯାଇଛି। ସତୁରୀ ଓ ଅଶୀ ଦଶକରେ ଦଳେଇ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ସାମାଜିକ, କାଳ୍ପନିକ ନାଟକ ଓ ପୌରାଣିକ ଗୀତିନାଟ୍ୟ ରଚନା କରିଥିଲେ। ସେଗୁଡ଼ିକ ମଧ୍ୟରୁ ଅନେକ ନାଟକରେ ନାଟ୍ୟ ନିର୍ଦ୍ଦେଶନା ଦେବା ସହ ଅଭିନୟ ମଧ୍ୟ କରିଥିଲେ। ୨ଟି ଚଳଚ୍ଚିତ୍ରରେ ପାର୍ଶ୍ୱ ଅଭିନେତା ଭାବେ ଅଭିନୟ କରିଥିଲେ। ତାଙ୍କ ନାଟକରେ ସାମ୍ପ୍ରତିକ, ସାମାଜିକ ଚିତ୍ର ପ୍ରତିଫଳନ ହେବା ସହ ସେଗୁଡିକ ଖୁବ ଜନପ୍ରିୟ ହୋଇପାରିଥିଲା। ସେଥିମଧ୍ୟରୁ ସେ ସମୟରେ ରକ୍ତ ଚାବୁକ, ଷ୍ଟେଶନ କୁଲି, ଏ ଦୁନିଆ ଟଙ୍କାର ଗୋଲାମ, ଶ୍ରୀକ୍ଷେତ୍ର କାନ୍ଦୁଛି କାଳିଆ ନାଟକ ଆଖପାଖ ଅଞ୍ଚଳରେ ଚହଳ ସୃଷ୍ଟି କରିଥିଲା। ଏହି ସାମାଜିକ ତଥା ସଂସ୍କାର ଧର୍ମୀ ନାଟକଗୁଡ଼ିକ ତତ୍କାଳୀନ ସମୟରେ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇପାରିଥିଲା।

# ପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କଲା ଖବରଦାତା ସଂଘ



ସାଲେପୁର,୧୮।୧୦(ଅରବିନ୍ଦ ଭୂୟାଁ)

ପ୍ରତିବର୍ଷ ଭଳି ଚଳିତ ବର୍ଷ ସାଲେପୁର ଆଞ୍ଚଳିକ ଖବରଦାତା ସଂଘ ପକ୍ଷରୁ ସାଲେପୁର ଅଞ୍ଚଳର ବିଭିନ୍ନ ପୂଜା କମିଟି ସଦସ୍ୟ ଏବଂ ସାଲେପୁର ଅଞ୍ଚଳର ବିଭିନ୍ନ ସାମାଜିକ କର୍ମୀଙ୍କ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ଆଞ୍ଚଳିକ ଖବରଦାତା ସଂଘ ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବକୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂ ଓ ବିଶିଷ୍ଟ ଅତିଥି ଭାବେ ସାଲେପୁର ବିଡିଓ ଖଗେଶ୍ୱର ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଯୁବ ଖବରଦାତା ମନୋଜ ଆଚାର୍ଯ୍ୟ, ସଂଘର କୋଷାଧ୍ୟକ୍ଷ ସୁଧୀର ଶତପଥୀ, ସାଲେପୁରବାର୍ ଆସୋସିଏଶନ ସଭାପତି ବିକ୍ରମ କେଶରୀ ବଳ, ଯୁବ ସାମାଜିକକର୍ମୀ ହିମାଂଶୁ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ସାଲେପୁର ଅଞ୍ଚଳର ଯୁବସାମାଜିକ କର୍ମୀ ନନ୍ଦକିଶୋର ଭୂୟାଁ, ଗୁଲରେଜ ଅଲ୍ଲି, ପ୍ରବୀର ଚନ୍ଦ୍ର ଦାସଙ୍କ ସମେତ ସାଲେପୁର ଥାନାର ଅବସରପ୍ରାପ୍ତ ଏସ୍‌ଆଇ ଶରତ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅନୁଷ୍ଠାନ ପକ୍ଷରୁ ସାଲେପୁର ଅଞ୍ଚଳର ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶୁଭଜିତ୍ କରଙ୍କ ନେତୃତ୍ୱରେ ତାଙ୍କ ସହଯୋଗୀମାନେ ଏହି କାର୍ଯ୍ୟକ୍ରମରେ ମେଲୋଡ଼ି ପରିବେଷଣ କରିଥିବାବେଳେ କଳାକେନ୍ଦ୍ର ସଣ୍ଡେ ଆର୍ଟସ ସ୍କୁଲର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦଶହରା ଭସାଣି ଉତ୍ସବକୁ ଶାନ୍ତିପୂର୍ଣ୍ଣ ଭାବେ ଶେଷ କରାଯାଇଥିବାରୁ ସାଲେପୁର ଆଦର୍ଶ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡ଼ା ସଣ୍ଡେ ଆର୍ଟସ ସ୍କୁଲର ପରିଚାଳିକା ସୁଜାତା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାଲେପୁର ଆଞ୍ଚଳିକ ଖବରଦାତା ସଂଘର ସଦସ୍ୟ ବିରଞ୍ଚି ନାରାୟଣ କର, ହେମନ୍ତ କୁମାର ଭୂୟାଁ, ଶିଶିର କୁମାର ଦାଶ, ଅଜୟ କୁମାର ସାହୁ, ଅମୀୟ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ହୃଷିକେଶ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ଭାଷା, ସାହିତ୍ୟ ପ୍ରତି ଯୁବ ସମାଜର ଆନ୍ତରିକତା ଜରୁରୀ

### ଶାରଦୀୟ ସାହିତ୍ୟ ଆସର

ରଘୁନାଥପୁର,୧୮।୧୦ (ରାଜେନ୍ଦ୍ର ନାରାୟଣ ସିଂହ)

ଆମ ଗାଁ ସାହିତ୍ୟ ସଂସଦର ଶାରଦୀୟ ସାହିତ୍ୟ ଆସର ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସିଦ୍ଧବାରଙ୍ଗ ଗୋରେଖନାଥ ପୀଠରେ ଆୟୋଜିତ ଏହି ଆସରରେ ଉପସ୍ଥିତ କବିମାନେ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଯୁବ ସମାଜର ଆନ୍ତରିକତା ଜରୁରୀ। ଏହାର ପ୍ରୋତ୍ସାହନ କିପରି କରାଯିବ ସେ ଉପରେ ପ୍ରତ୍ୟେକ ସଭ୍ୟ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ୨୦୨୫ ମାର୍ଚ୍ଚ ପ୍ରଥମ ସପ୍ତାହରେ ସଂସଦର ବାର୍ଷିକ ଉତ୍ସବ କରିବାକୁ ସମସ୍ତେ ଏକମତ ହୋଇଥିଲେ। ଗାଳ୍ପିକ ପ୍ରତାପ ବିଶ୍ୱାଳ ଗଳ୍ପ ପାଠ କରିଥିବା ବେଳେ ସହ ସମ୍ପାଦକ ଅଧ୍ୟାପକ ଶାନ୍ତନୁ ମିଶ୍ର, ପ୍ରେମଲତା ବାରିକ, ଶରତ ଚନ୍ଦ୍ର ପଣ୍ଡା, ରଞ୍ଜନ କୁମାର ମିଶ୍ର, କୈଳାସ ଚନ୍ଦ୍ର ମଲ୍ଲିକ, ବନମାଳୀ ମହାରଣା, ରାଜକିଶୋର ସାହୁ, ସମୀର କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ସାହିତ୍ୟ ଆସରକୁ ସଫଳ ଭାବେ ପରିଚାଳନା କରିଥିଲେ। ଶେଷରେ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣକବି ଓଡ଼ିଆ ସାହିତ୍ୟର ମୁକୁଟ ବିହୀନ ସମ୍ରାଟ



ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ସାଲେପୁର,୧୮।୧୦(ଅରବିନ୍ଦ ଭୂୟାଁ)

ଉତ୍କଳ ସାହିତ୍ୟ ସଂସ୍କୃତି ସଂଗଠନ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ସାଲେପୁରର ମାଳଶାସନ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ଶରତ ଲେଙ୍କା ଏଥିରେ ସଭାପତିତ୍ୱ କରିଥିଲେ। କବି ଗଗନ ମିଶ୍ର ଏଥିରେ ଯୋଗଦେଇ ଗଣକବି ବୈଷ୍ଣବ ପାଣି ଓଡ଼ିଆ ସାହିତ୍ୟର ମୁକୁଟବିହୀନ ସମ୍ରାଟ ଥିଲେ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ରାଜୀବ କୁମାର ଷଡ଼ଙ୍ଗୀ, ବାସୁଦେବ ତ୍ରିପାଠୀ, ପଣ୍ଡିତ ବିଜୟ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କବି ଓ ପ୍ରକାଶକ ଚନ୍ଦ୍ରମଣି ଭୂୟାଁ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଭୟ ଗୋଚ୍ଛାୟତ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଶରତ କୁମାର ପଣ୍ଡା ପାଣି ସଂଗୀତ ପରିବେଷଣ କରିଥିଲେ।

# ଘରେ ପଶି ଯୁବକଙ୍କୁ ଆକ୍ରମଣ

ଯୋଗେଶ୍ୱରପୁର,୧୮।୧୦(ରଶ୍ମିରଞ୍ଜନ ସାହୁ)

ଘରେ ପଶି ଜଣେ ଯୁବକଙ୍କୁ ଶୁକ୍ରବାର ମରଣାନ୍ତକ ଆକ୍ରମଣ ହୋଇଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଯୁବକ ଜଣକ ହେଲେ ସୋରଭା ପଞ୍ଚାୟତ ମୁରୁଡ଼ା ଗ୍ରାମର ନବଘନ ନାୟକ। ପ୍ରକାଶ ଯେ, ନବଘନ ଯୋଗେଶ୍ୱରପୁର ଛକରେ ଏକ ଜଳଖିଆ ଦୋକାନରେ ମିସ୍ତ୍ରି ରୂପେ କାର୍ଯ୍ୟ କରନ୍ତି। ଖାଣିଜୀପୁର ଗ୍ରାମର ବାବୁନା ବେହେରା ନାମକ ଜଣେ ଯୁବକ ନବଘନ ଦୋକାନରେ ଶୋଇଥିବା ବେଳେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ।

# ୧୨ରୁ ୬ ଶିକ୍ଷକ ପଦବୀ ଖାଲି




ସାଲେପୁର,୧୮।୧୦(ଅରବିନ୍ଦ ଭୂୟାଁ)

**ସାଲେପୁର ଆଦର୍ଶ ବିଦ୍ୟାଳୟ**

- ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ
- ତାଲା ପକାଇ ଆନ୍ଦୋଳନ କରିବାକୁ ଚେତାବନୀ
- ୨୪୫ ଛାତ୍ରୀଛାତ୍ର ପାଠ ପଢୁଛନ୍ତି

ଗ୍ରାମାଞ୍ଚଳ ଛାତ୍ରୀଛାତ୍ରମାନଙ୍କୁ ଉନ୍ନତ ମାନର ଶିକ୍ଷା ଯୋଗାଇଦେବାକୁ ସରକାର ବିଭିନ୍ନ ବ୍ଲକରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିଛନ୍ତି। କିନ୍ତୁ ଏସବୁ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ଉପୁଜିଛି। ସାଲେପୁର ବ୍ଲକରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଏନେଇ ଛାତ୍ରାଭିଭାବକମାନେ ବାରମ୍ବାର ବିଭାଗୀୟ ଅଧିକାରଙ୍କୁ ଅବଗତ କରିଥିଲେ ମଧ୍ୟ ଏହାର କୌଣସି ସ୍ଥାୟୀ ପ୍ରତିକାର ହେଉ ନାହିଁ। ଏନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିଦ୍ୟାଳୟରେ ସିବିଏସ୍‌ଇ ଢାଞ୍ଚାରେ ପାଠ ପଢ଼ାଯାଉଥିବଲେ ମଧ୍ୟ ଏଠାରେ ଇଂଲିଶ୍ ଶିକ୍ଷକ ପଦ ଖାଲିପଡିଛି। ସାଲେପୁରସ୍ଥିତ ରାଘବପୁର ଆଦର୍ଶ ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୪୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଦୀର୍ଘଦିନ ହେବ ଏହି ବିଦ୍ୟାଳୟରେ ଇଂଲିଶ୍, ଗଣିତ, ବିଜ୍ଞାନ ଓ କମ୍ପ୍ୟୁଟର ଶିକ୍ଷକ ପଦବୀ ଖାଲିପଡିଛି। ଫଳରେ ସରକାର ଯେଉଁ ଉଦ୍ଦେଶ୍ୟ ରଖି ଏହି ବିଦ୍ୟାଳୟ ସ୍ଥାପନ କଲେ ତାହା ପୂରଣ ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଛି। ଏଠାରେ ୧୨ ଶିକ୍ଷକଙ୍କ ସ୍ଥାନରେ ଏବେ ୬ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି। ଫଳରେ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସାଲେପୁର ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ.ସନ୍ତୋଷ କୁମାର ନାୟକଙ୍କୁ ପଚାରିବାରେ ବିଦ୍ୟାଳୟରେ ଶିକ୍ଷକ ନ ଥିବା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅବଗତ କରାଯାଇଥିବା କହିଛନ୍ତି।

# ବାଙ୍କୀର ଗୌରବମୟ ଐତିହ୍ୟ ଜନମାନସରେ ଉଜ୍ଜୀବିତ କରିବ ମହୋତ୍ସବ

ବାଙ୍କୀ,୧୮।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

**ବାଙ୍କୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ମହୋତ୍ସବ ବାଙ୍କୀର କଳା, ସଂସ୍କୃତିକୁ ପ୍ରଚାର, ପ୍ରସାର କରିବା ସହ ଏହାର ଗୌରବମୟ ଐତିହ୍ୟକୁ ଜନମାନସରେ ଉଜ୍ଜୀବିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଶୁକ୍ରବାର ବାଙ୍କୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ମୁଖ୍ୟବକ୍ତା ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତିର ଗବେଷକ ଡ. କୃଷ୍ଣକେଶବ ଷଡ଼ଙ୍ଗୀ ଯୋଗଦେଇ ରାଜ୍ୟ ତଥା ଦେଶର ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ଘଟିଛି ସେଥିରେ ବାଙ୍କୀ ଅଞ୍ଚଳର ସୁଯୋଗ୍ୟ ସନ୍ତାନ ପଣ୍ଡିତ ଗୋବିନ୍ଦ ରଥ, ନୀଳମଣି ବିଦ୍ୟାରତ୍ନ ପ୍ରମୁଖଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ । ବାଙ୍କୀର ପଦ୍ମନାଭ ଚନ୍ଦନଙ୍କ 'ଶଶୀ ରେଖା' ଓଡିଆ ସାହିତ୍ୟର ଏକ ଯୁଗାନ୍ତକାରୀ ପୁସ୍ତକ ବୋଲି ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ। 'ଶଶୀରେଖା'ରେ ଚନ୍ଦ୍ରରେ କଳା ଦାଗକୁ ବିଷ୍ଣୁଙ୍କ ଅନନ୍ତ ଶୟନ ବୋଲି ଉଲ୍ଲେଖ କରାଯାଇଛି। ସମ୍ମାନିତ ଅତିଥି ଭାବେ ବାଙ୍କୀ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାଙ୍କୀ ବିଧାୟକ ତଥା ମହୋତ୍ସବ କାର୍ଯ୍ୟକାରୀ ସଭାପତି ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଏବେବି ରାଣୀ ଶୁକ ଦେଈଙ୍କ ବୀରତ୍ୱ ଆମ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ।

ବାଙ୍କୀ ମହୋତ୍ସବ ଏ ମାଟିର ସୁଯୋଗ୍ୟ ସନ୍ତାନଙ୍କୁ ସ୍ୱୀକୃତି ପ୍ରଦାନ କରିଆସିଛି। ଏହି ମହୋତ୍ସବ ଆଗାମୀ ପିଢ଼ି ପାଖରେ ଅଞ୍ଚଳର ସୁଯୋଗ୍ୟ ସନ୍ତାନଙ୍କ ପରିଚୟ ପ୍ରଦାନ କରେ। ଏହି ମହୋତ୍ସବକୁ ଆଗେଇ ନେବାକୁ ତ୍ରିପାଠୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ କଳା,ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଆବାହନୀ ସଂଗୀତ ଗାନ କରାଯାଇଥିଲା। ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହ ବାଙ୍କୀର ଇତିହାସ ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। ଉପନଗରପାଳ ସନ୍ତୋଷ କୁମାର ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ମହୋତ୍ସବ ପ୍ରତିଷ୍ଠାତା ସଭାପତି ପ୍ରଭାତ କୁମାର ତ୍ରିପାଠୀ ଏହି ଉତ୍ସବରେ ଅଧକ୍ଷତା କରି କୁମାର ଉତ୍ସବ ଓ କୁମାର ପୂର୍ଣ୍ଣିମା ଅବସରରେ ବାଙ୍କୀ ମହୋତ୍ସବ ୨୫ବର୍ଷରେ ପଦାର୍ପଣ କରିଛି ବୋଲି କହିଥିଲେ। ବାଙ୍କୀବାସୀଙ୍କ ଅକୁଣ୍ଠ ସମର୍ଥନ ଏହି ଉତ୍ସବକୁ ଗଣଉତ୍ସବରେ ପରିଣତ କରିଛି। ଏହି ଅବସରରେ କ୍ରୀଡ଼ାକ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କ୍ରୀଡ଼ାବିତ୍ ଓ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ମହୋତ୍ସବ ଉପସଭାପତି ଭାଗୀରଥି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ମହୋତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ଘରେ ପଶି ଯୁବକଙ୍କୁ ଆକ୍ରମଣ

**ଯୋଗେଶ୍ୱରପୁର,୧୮।୧୦(ରଶ୍ମିରଞ୍ଜନ ସାହୁ):** ଘରେ ପଶି ଜଣେ ଯୁବକଙ୍କୁ ଶୁକ୍ରବାର ମରଣାନ୍ତକ ଆକ୍ରମଣ ହୋଇଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଯୁବକ ଜଣକ ହେଲେ ସୋରଭା ପଞ୍ଚାୟତ ମୁରୁଡ଼ା ଗ୍ରାମର ନବଘନ ନାୟକ। ପ୍ରକାଶ ଯେ, ନବଘନ ଯୋଗେଶ୍ୱରପୁର ଛକରେ ଏକ ଜଳଖିଆ ଦୋକାନରେ ମିସ୍ତ୍ରି ରୂପେ କାର୍ଯ୍ୟ କରନ୍ତି। ଖାଣିଜୀପୁର ଗ୍ରାମର ବାବୁନା ବେହେରା ନାମକ ଜଣେ ଯୁବକ ନବଘନ ଦୋକାନରେ ଶୋଇଥିବା ବେଳେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ନବଘନଙ୍କ ମୁଣ୍ଡ, ମୁହଁ ଓ ହାତରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପ୍ରଥମେ ଚାରିଛକ ଓ ପରେ ଗୋପ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ଜଣକ ଫେରାର୍ ଥିବା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

### ସାଇକେଲକୁ ଧକ୍କାଦେଲା ବୁଲେଟ୍, ସାଇକେଲ ଚାଳକ ଗୁରୁତର

**ବାରଙ୍ଗ,୧୮।୧୦(ଲିଙ୍ଗରାଜ ରାଉତ):** ଫକୀରପଡ଼ା ଛକରେ ବୁଲେଟ୍ ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ସକାଳେ ଫକୀରପଡ଼ା ଗ୍ରାମ ଭୋଇସାହିର ବସନ୍ତ ଭୋଇ(୫୫) ନାମକ ଜଣେ ବ୍ୟକ୍ତି ଘରୁ ତ୍ରିଶୂଳିଆ ବଜାରକୁ ସାଇକେଲ ଯୋଗେ ଯାଉଥିଲେ। ଫକୀରପଡ଼ା ଛକରେ ଏକ ବୁଲେଟ୍ ପଛପଟୁ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବସନ୍ତଙ୍କ ଡାହାଣଗୋଡ଼ ଉପରେ ବୁଲେଟ ଚଢ଼ିଯିବାରୁ ଗୋଡ଼ଟି ଭାଙ୍ଗିଯାଇ ଗୁରୁତର ହୋଇଥିଲେ। ଦୁର୍ଘଟଣା ଘଟାଇ ଖସି ପଳାଉଥିବା ବୁଲେଟ୍‌କୁ ସ୍ଥାନୀୟ ଲୋକେ ଅଟକାଇଥିଲେ। ଗୁରୁତର ବସନ୍ତଙ୍କୁ କଟକ ବଡ଼ ମେଡିକାଲ୍‌କୁ ପଠାଯାଇଥିଲା। ଏହି ସମୟରେ କୌଶଳକ୍ରମେ ବୁଲେଟ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

### ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ସ୍ଥଗିତ

**ହାଇକୋର୍ଟଙ୍କ ରହିତାଦେଶ**

**ଖୁଣ୍ଟୁଣୀ,୧୮।୧୦(ସଚ୍ଚିଦାନନ୍ଦ ପଣ୍ଡା):** ଖୁଣ୍ଟୁଣୀ-ରମ୍ଭେଇଗ୍ରାମରଏକମାତ୍ରଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ସ୍ଥଗିତ ରହିଛି। ଉକ୍ତ ଜମିକୁ ଜବରଦଖଲମୁକ୍ତ କରିବା ପାଇଁ ଆଠଗଡ଼ ତହସିଲ ପ୍ରଶାସନ ପକ୍ଷରୁ ଗତ ସେପ୍ଟେମ୍ବରରେ ଜବରଦଖଲକାରୀଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଏନେଇ ଜବରଦଖଲକାରୀମାନେ ହାଇକୋର୍ଟରୁ ରହିତାଦେଶ ଆଣିଛନ୍ତି। ଫଳରେ ଜବରଦଖଲ ଉଚ୍ଛେଦ ସ୍ଥଗିତ ରହିଛି।ଦୀର୍ଘ ୩୦ ବର୍ଷ ଧରି ଉକ୍ତ ଜମିକୁ କେତେଜଣ ବ୍ୟକ୍ତି ବେଆଇନ ଭାବେ ଦଖଲ କରି ଘର କରିଛନ୍ତି। ଏନେଇ ୨୦୧୨ ଜୁଲାଇ ୧୬ରେ ଗ୍ରାମବାସୀଙ୍କ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ହାଇକୋର୍ଟ ଏହାର ଶୁଣାଣି କରିବା ସହ କଟକ ଜିଲାପାଳଙ୍କ ନିକଟରେ ସାନି ଆବେଦନ କରିବାକୁ ଗ୍ରାମବାସୀଙ୍କୁ କହିଥିଲେ। ପରେ ଗ୍ରାମବାସୀ ଏନେଇ ଜିଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ଯେହେତୁ କେତେକ ଗୋଚର ଜବର ଦଖଲକାରୀଙ୍କୁ ଅନ୍ୟତ୍ର ଥଇଥାନ ପାଇଁ ପଟ୍ଟା ଦିଆଯାଇଛି ତେଣୁ ତହସିଲ ପ୍ରଶାସନ ପକ୍ଷରୁ ସେଠାରେ ଉଚ୍ଛେଦ ବ୍ୟବସ୍ଥା କରାଯାଇଥିଲା। ସେତେବେଳେ କୋଭିଡ୍ ଆଳ ଦେଖାଇ ଏହାକୁ ପ୍ରଶାସନ ପକ୍ଷରୁ ଉପେକ୍ଷା କରାଯାଇଥିଲା। ଚଳିତ ଅକ୍ଟୋବର ୧୮ ତାରିଖ ସୁଦ୍ଧା ଗୋଚର ଜମିରୁ ହଟିଯିବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ଗତ ସେପ୍ଟେମ୍ବରରେ ଜବରଦଖଲକାରୀଙ୍କୁ ନୋଟିସ୍ ଜାରି କରାଯାଇଥିଲା। ହେଲେ ଜବରଦଖଲକାରୀ ହାଇକୋର୍ଟରୁ ରହିତାଦେଶ ଆଣିଥିବାରୁ ଜବରଦଖଲ ଉଚ୍ଛେଦ ସ୍ଥଗିତ ରହିଥିବା ଖୁଣ୍ଟୁଣୀ ରାଜସ୍ୱ ନିରୀକ୍ଷକ ମନୋଜ ସାହୁ କହିଛନ୍ତି।

# ଟ୍ରେନ୍‌ରେ ବାଣ ପରିବହନକଲେ ଜେଲ

**କଟକଣା ଲଗାଇ ଯାତ୍ରୀଙ୍କ ସହଯୋଗ ଲୋଡ଼ିଲା ପୂର୍ବତଟ ରେଳପଥ**

**ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)**




ଦୀପାବଳି ପାଖେଇ ଆସୁଥିବାରୁ ବାଣଜନିତ ସମ୍ଭାବ୍ୟ ବିପଦକୁ ଏଡାଇବା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଟ୍ରେନରେ ବାଣ ଓ ଅନ୍ୟାନ୍ୟ ଦହନଶୀଳ ସାମଗ୍ରୀର ବେଆଇନ ପରିବହନକୁ ବାରଣ କରାଯାଇଛି। ଯାତ୍ରୀ ପରିବହନ କରୁଥିବା ଟ୍ରେନ୍‌ରେ ବାଣ, ଗ୍ୟାସ ସିଲିଣ୍ଡର, ଏସିଡ୍, ପେଟ୍ରୋଲ, କିରୋସିନ ଆଦି ଦହନଶୀଳ ସାମଗ୍ରୀ ପରିବହନ କରିବା ରେଳପଥ ଅଧିନିୟମ ୧୯୮୯ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଏଥିପାଇଁ ୩ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ହୋଇପାରେ। ଟ୍ରେନ ଯାତ୍ରାକୁ ସୁରକ୍ଷିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନରେ ଯାତ୍ରୀଙ୍କ ସହଯୋଗ ମଧ୍ୟ ଲୋଡ଼ାଯାଇଛି। ଯାତ୍ରୀମାନେ ଏଥିପ୍ରତି ସଜାଗ ରହିବାକୁ କୁହାଯାଇଛି। ଏ ସଂକ୍ରାନ୍ତ ନିୟମ ଉଲ୍ଲଂଘନ ହେଉଥିବା ନଜରକୁ ଆସିଲେ ରେଳ ସୁରକ୍ଷା ବଳ (ଆର୍‌ପିଏଫ) କର୍ମଚାରୀ, ସରକାରୀ ରେଳ ପୋଲିସ, ଟିଟିଇ, କୋଚ୍ ସେବକ ଓ ଷ୍ଟେଶନ ପରିଚାଳକଙ୍କ ସମେତ ଅନ୍‌ବୋର୍ଡ କର୍ମଚାରୀଙ୍କୁ ସୂଚନା ଦେବାପାଇଁ ପରାମର୍ଶ ଦିଆଯାଇଛି। ଏଥିସହ ରେଳପଥର ହେଲ୍ପ ଲାଇନ ନଂ.୧୩୯କୁ କଲ୍ କରି ଜଣାଇବାକୁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି। ଏହି ସୁରକ୍ଷା ବ୍ୟବସ୍ଥା ସହିତ ପୂର୍ବତଟ ରେଳପଥ ରେଳ ଷ୍ଟେଶନଗୁଡିକରେ ସର୍ବସାଧାରଣ ଘୋଷଣା ମାଧ୍ୟମରେ ଯାତ୍ରୀମାନଙ୍କୁ ଅଗ୍ନି ନିର୍ବାପକ ବିପଦ ବିଷୟରେ ସଚେତନ କରୁଛି। ପାର୍ସଲ ଭ୍ୟାନରେ ଲୋଡ୍ ହୋଇଥିବା ପାର୍ସଲ ଏବଂ ଲଗେଜଗୁଡିକର ନିରାପଦ ପରିଚାଳନାକୁ ସୁନିଶ୍ଚିତ କରିବା ଉପରେ ମଧ୍ୟ ସ୍ୱତନ୍ତ୍ର ଦଳ ଧ୍ୟାନ ଦେଉଛି। ନିରାପତ୍ତା ବୃଦ୍ଧି କରାଇବା ପାଇଁ ଟ୍ରେନ ଏସ୍କର୍ଟିଙ୍ଗ ଟିମ୍ ଏବଂ ମେରୀ ସହେଲି ଦଳକୁ ଉଭୟ ଯାତ୍ରୀବାହୀ ଟ୍ରେନ ଓ ଲଗେଜ ଉପରେ କଡ଼ା ନଜର ରଖିବା ଦାୟିତ୍ୱ ଦିଆଯାଇଛି।

# ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିଥାଏ ମହୋତ୍ସବ



**ବେଗୁନିଆ,୧୮।୧୦(ସନ୍ଧ୍ୟାରାଣୀ ମିଶ୍ର)**

**ଡାଲଡୋଲା ଗଜଲକ୍ଷ୍ମୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ବେଗୁନିଆ ବ୍ଲକ ଅନ୍ତର୍ଗତ ଡାଲଡୋଲା ଗଜଲକ୍ଷ୍ମୀ ମହୋତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଖୋର୍ଦ୍ଧାର ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ ମୁଖ୍ୟ ଅତିଥି, ସମାଜସେବୀ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ ମୁଖ୍ୟବକ୍ତା, ଡା. ଜ୍ଞାନ ରଞ୍ଜନ ନାୟକ, ଶିକ୍ଷାବିତ୍ ପବିତ୍ର ମୋହନ ଖାଡଙ୍ଗା, ଉପଦେଷ୍ଟା ନିରଞ୍ଜନ ସାମନ୍ତସିଂହାର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ମହୋତ୍ସବ ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ରତିକାନ୍ତ କହଳସିଂହ ଓ ସୋନାଲି ଦାସ ସଂଯୋଜନା କରିଥିବା ବେଳେ ସିଆର୍‌ସିସି ଗଣେଶ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ କଣ୍ଠଶିଳ୍ପୀ ବିଭୁ କିଶୋର ସାଥିଙ୍କ ସହ ମେଲୋଡି ଏବଂ ଆଞ୍ଚଳିକ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା।



ପଞ୍ଚସଖା ଗଜଲକ୍ଷ୍ମୀ କମିଟି ପକ୍ଷରୁ ଶୋଭାପାଉଥିବା ତୋରଣ।

# 'ମଧୁଲିତା'ର ପୂଜା ବିଶେଷାଙ୍କ ଉନ୍ମୋଚିତ



ଅତିଥିମାନେ 'ମଧୁଲିତା'ର ପୂଜା ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୧୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ମଧୁଲିତା ପତ୍ରିକା ପକ୍ଷରୁ ଗୁରୁବାର ବୁଦ୍ଧମନ୍ଦିର ପରିସରରେ ବାର୍ଷିକ ବନ୍ଧୁମିଳନ ଓ ପୂଜା ବିଶେଷାଙ୍କ ଉନ୍ମୋଚିତ ହୋଇଯାଇଛି। କବି ତଥା ଲେଖକ ନିରାକାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମ୍ମାନିତ ଅତିଥି ଜ୍ୟୋତିଷଶାସ୍ତ୍ରୀ ସୁଚିତ୍ରା ଗୁପ୍ତା ଓ ଡ. ସ୍ୱର୍ଣ୍ଣଲତା ପରିଡା, ମୁଖ୍ୟବକ୍ତା ଭାବେ ଦୂରଦର୍ଶନର ସମ୍ବାଦ ପାଠିକା କଳ୍ପନା ମିଶ୍ର ଯୋଗଦେଇଥିଲେ। 'ମଧୁଲିତା'ର ପ୍ରତିଷ୍ଠାତା ମଧୁଲିତା ପରିଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଗାଳ୍ପିକା ଅବନ୍ତୀ ବେହେରା ଯୋଗଦେଇଥିବା ବେଳେ ଗାଳ୍ପିକା ରଶ୍ମି ସାମଲ ଅଧ୍ୟକ୍ଷତା ଓ କବି କ୍ଷଣପ୍ରଭା ଷଡ଼ଙ୍ଗୀ ସଂଯୋଜନା କରିଥିଲେ। କବି ମନୋରଞ୍ଜନ ଷଡ଼ଙ୍ଗୀ, ଡ. ଉମେଶ ଚନ୍ଦ୍ର ପାଣିଗ୍ରାହୀ, କବି ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ସାହିତ୍ୟିକା ଡ. ବସନ୍ତ ମହାନ୍ତି ଓ ଗୌତମ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଧନ୍ୟବାଦ ପ୍ରଦାନ କରିଥିଲେ ସାମ୍ବାଦିକା ଦୀପ୍ତିମୟୀ ରାଉତ।

### ବାଲିଯାତ୍ରା ନେଇ ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟିକା

**କଟକ,୧୮।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ବାଲିଯାତ୍ରା ପଡିଆରେ ହେବାକୁ ଥିବା ବାଲିଯାତ୍ରା ଆୟୋଜନକୁ ବିଶେଷ ଗୁରୁତ୍ୱ ଦେବା ପାଇଁ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋଷ ଶୁକ୍ରବାର ଏକ ଚିଠି ଲେଖିଛନ୍ତି। ବାଲିଯାତ୍ରାରେ ପ୍ଲଟ୍ ଆବଣ୍ଟନବେଳେ ସମସ୍ତ ଆବେଦନକାରୀଙ୍କୁ ବ୍ୟବସାୟ ପାଇଁ ସୁଯୋଗ ଦେବାକୁ ପ୍ରଶାସନ ସହଯୋଗ କରିବା, ବିଭିନ୍ନ ସାମଗ୍ରୀର ମାତ୍ରାଧିକ ଦର ବୃଦ୍ଧି ନିୟନ୍ତ୍ରଣ କରିବା, ବାଲିଯାତ୍ରାରେ ବଡ଼ ବଡ଼ କର୍ପୋରେଟ ସଂସ୍ଥା ଓ କମ୍ପାନୀକୁ ଆଣୁଥିବା ବିଭିନ୍ନ ଆଡ୍ ଏଜେନ୍ସିକୁ ଅଂଶଗ୍ରହଣ ପାଇଁ ସୁଯୋଗ ଦେବା ସହ ଦେଶବିଦେଶର ବହୁଜାତୀୟ କମ୍ପାନୀକୁ ଆହ୍ୱାନ କରାଯିବା, ଦୋକି ବ୍ୟବସାୟୀଙ୍କୁ ସର୍ବନିମ୍ନ ମୂଲ୍ୟରେ ଜମି ଯୋଗାଇ ଦିଆଯିବା, ଗାଡ଼ି ପାର୍କିଂ ପାଇଁ ଦରଧାର୍ଯ୍ୟ, ଗାଡି ଷ୍ଟାଣ୍ଡ ପାଇଁ ଉପଯୁକ୍ତ ସ୍ଥାନ ଚୟନ କରିବା, ପର୍ଯ୍ୟାପ୍ତ ପରିମାଣର ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ସହରର ସମସ୍ତ ପ୍ରବେଶ ପଥ ଏବଂ ସମ୍ବେଦନଶୀଳ ଅଞ୍ଚଳରେ ପର୍ଯ୍ୟାପ୍ତ ସିସିଟିଭି ଲଗାଯିବା ଭଳି ବିଭିନ୍ନ ପ୍ରସଙ୍ଗ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

# ଖୋର୍ଦ୍ଧା, ଭରତପୁର ପୋଲିସର ବୟାନ ରେକର୍ଡ

**ଖୋର୍ଦ୍ଧା,୧୮।୧୦(ପ୍ରଭାତ ପାଣିଗ୍ରାହୀ)**

**ବାପାଙ୍କୁ ସାନପୁଅ ନଜରବନ୍ଦୀ ରଖିବା ମାମଲା**

ଭରତପୁର ଥାନା ଅଞ୍ଚଳର ଅବସରପ୍ରାପ୍ତ କର୍ମଚାରୀ ଭୁବନେଶ୍ୱର ରାଉତରାୟଙ୍କୁ ତାଙ୍କ ସାନପୁଅ ନଜରବନ୍ଦୀ ରଖିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଶୁକ୍ରବାର ଖୋର୍ଦ୍ଧା ଟାଉନ ପୋଲିସ ଏବଂ ଭରତପୁର ପୋଲିସ ପୃଥକ୍‌ଭାବେ ଭୁବନେଶ୍ୱରଙ୍କ ବୟାନ ରେକର୍ଡ କରିଛି। ଦୁଇଗୁଣ୍ଡା ଭାତ ଖାଇ ପଡିଛି, ଦେହ ଭଲ ରହୁନାହି। ଡାକ୍ତର କ'ଣ ଔଷଧ ଦେଉଛନ୍ତି, କିଛି ଜାଣିନି। ସକାଳୁ ଉଠିଲେ ମୁଣ୍ଡ ବୁଲାଇ ହେଉଛି। ଏଠାରେ ରହିବାକୁ ଚାହୁଁନି, ବଡ଼ପୁଅ ପାଖକୁ ଯିବେ ବୋଲି ଭୁବନେଶ୍ୱର ବୟାନ ଦେଇଥିବା ସୂଚନା ମିଳିଛି।

ଅଭିଯୋଗ ମୁତାବକ, ଭରତପୁର ଥାନା ଅଞ୍ଚଳର ଅବସରପ୍ରାପ୍ତ କର୍ମଚାରୀ ଭୁବନେଶ୍ୱରଙ୍କୁ ତାଙ୍କ ସାନପୁଅ ଘରେ ନଜରବନ୍ଦୀ କରି ରଖିଛନ୍ତି। ଏପରିକି ତାଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦେଉଛନ୍ତି। ସେଠାରୁ ଭୁବନେଶ୍ୱରଙ୍କୁ ଉଦ୍ଧାର ପାଇଁ ବଡ଼ପୁଅ କର୍ନେଲ ଅରୁଣ କୁମାର ରାଉତରାୟ ଗତ ଅଗଷ୍ଟ ୩୧ରେ ଖୋର୍ଦ୍ଧା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାନଭାଇ କୌଣସି କାମ କରୁ ନ ଥିବା ବେଳେ ବାପାଙ୍କୁ ଧମକାଇ ସମସ୍ତ ପୈତୃକ ସମ୍ପତ୍ତି ନିଜ ନାମରେ ଲେଖାଇ ନେଇଛି। ଏପରିକି ବାପାଙ୍କୁ ଦେଖା କରିବାକୁ ଦେଉ ନ ଥିବା ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ। ତେବେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଅରୁଣ ଭରତପୁର ଥାନାରେ ଅକ୍ଟୋବର ୧୦ ଏବଂ ୧୮ ତାରିଖରେ ପୁଣି ଖୋର୍ଦ୍ଧା ଟାଉନ ଥାନାରେ ସମାନ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଏସ୍‌ପି ସାଗରିକା ନାଥଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ପୋଲିସ ଭୁବନେଶ୍ୱରଙ୍କ ବୟାନ ରେକର୍ଡ କରିଥିଲା। ଅନ୍ୟପଟେ ଏ ସମ୍ପର୍କରେ ଅରୁଣ କହିଛନ୍ତି, ବାରମ୍ବାର ଅଭିଯୋଗ ପରେ ଉଭୟ ଥାନା ପୋଲିସ ବାପାଙ୍କ ବୟାନ ରେକର୍ଡ କରିଛି। ତୁରନ୍ତ ସେଠାରୁ ବାପାଙ୍କୁ ଉଦ୍ଧାର ପାଇଁ ନିବେଦନ କରିଛନ୍ତି। ବାପାଙ୍କ କୌଣସି ଅସୁବିଧା ହେଲେ ଜିଲା ପ୍ରଶାସନ ଓ ପୋଲିସ ଉତ୍ତରଦାୟୀ ରହିବ ବୋଲି କହିଛନ୍ତି।

### ଦାମୋଦର ରାଉତଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉତ୍ସବ

**ବାରଙ୍ଗ,୧୮।୧୦(ଲିଙ୍ଗରାଜ ରାଉତ)**

ପୂର୍ବତନ ସରପଞ୍ଚ ଦାମୋଦର ରାଉତଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉତ୍ସବ ମଧୁପୁର ପଞ୍ଚାୟତ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ରାଉତ ସରପଞ୍ଚ ଥିବା ସମୟରେ ଯେଉଁଭଳି ଭାବେ ଜନହିତକର କାର୍ଯ୍ୟକରି ଯାଇଛନ୍ତି ସେଥିପାଇଁ ଆଜି ବି ଲୋକେ ତାଙ୍କୁ ଝୁରୁଛନ୍ତି ବୋଲି କହିଥିଲେ। ଦାମୋଦର ରାଉତ ମେମୋରିଆଲ୍ ଫାଉଣ୍ଡେଶନର ସଭାପତି ବିଜୟ କୁମାର ପଣ୍ଡା, ସମ୍ପାଦକ ସୁରେଶ ମହାନ୍ତି, ଡ. ସୁଶିଲ କୁମାର ପଟ୍ଟନାୟକ, ଏସିପି ପ୍ରଦୀପ କୁମାର ରାଉତ, ବାରଙ୍ଗ ଥାନାଧିକାରୀ ବିଶ୍ୱରଞ୍ଜନ ନାୟକ, ମନ୍ମଥ ପାଣି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେଶନର ସମ୍ପାଦକ ସୁରେଶ ମହାନ୍ତି ପରିଚାଳନା କରିଥିବା ବେଳେ ସଦସ୍ୟ ଅଭୟ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ଓଡ଼ିଆ ସଂସ୍କୃତି ମଞ୍ଚ ତରଫରୁ ବୈଷ୍ଣବ ପାଣି ଜୟନ୍ତୀ

**ଭୁବନେଶ୍ୱର,୧୮।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଆ ସଂସ୍କୃତି ମଞ୍ଚ ପକ୍ଷରୁ ଭୁବନେଶ୍ୱରସ୍ଥିତ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଗଠନ (ୟୁଟିଆ) କାର୍ଯ୍ୟାଳୟ ପରିସରରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୨ତମ ଜୟନ୍ତୀ ଏବଂ ଡ. ମାୟାଧର ମାନସିଂହଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ୟୁଟିଆ ସଭାପତି ଡ. ଉପେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଗଣଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ. ଶରତ କୁମାର ବିଶ୍ୱାଳ, ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ବିଶିଷ୍ଟ ଆଧ୍ୟାତ୍ମିକ ଗ୍ରନ୍ଥକାର ଶ୍ରୀସନ୍ନ୍ୟାସୀ ଜୀ, ଡ. କାର୍ତ୍ତିକ ଚନ୍ଦ୍ର ପୃଷ୍ଟି, ଡ. ନାରାୟଣ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶବିତ୍ ଡ. ଅର୍ଜୁନ କୁମାର ବିଶ୍ୱାଳ ଅତିଥି ପରିଚୟ ଓ ଶିକ୍ଷାବିତ ସର୍ବାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିବାହ ପାଇଁ ମନା କରିବାରୁ ଯୁବତୀଙ୍କୁ ଅପହରଣ କରି ମାଡ଼

**ଭୁବନେଶ୍ୱର,୧୮।୧୦(ସୂର୍ଯ୍ୟକାନ୍ତ ବେହେରା)**

**ଯୁବକ ଗିରଫ**

ବିବାହ କରିବାକୁ ମନା କରିବାରୁ ଜଣେ ଯୁବତୀଙ୍କୁ ଅପହରଣ କରିନେଇ ମାଡ଼ ମାରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ଏସ୍‌କେ ବୋନି ଅମିନ। ତାଙ୍କଠାରୁ ଅପରାଧରେ ବ୍ୟବହୃତ ବୁଲେଟକୁ ଜବତ କରାଯାଇଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ପୀଡିତା ଯୁବତୀ ଓ ଅଭିଯୁକ୍ତ ବୋନିଙ୍କ ମଧ୍ୟରେ ଗତ ଚାରିବର୍ଷ ହେବ ପ୍ରେମସମ୍ପର୍କ ଥିଲା। ବୋନିଙ୍କୁ ବିବାହ କରିବା ଲାଗି ପୀଡିତା ତାଙ୍କ ଘରେ ଜଣାଇ ଥିଲେ ମଧ୍ୟ ଘର ଲୋକେ ଏଥିରେ ରାଜି ହୋଇ ନ ଥିଲେ। ଫଳରେ ପୀଡିତା ଜଣକ ଏନେଇ ପ୍ରେମିକ ବୋନିଙ୍କୁ ଜଣାଇବା ସହ ସମ୍ପର୍କ ନ ରଖିବା ଲାଗି କହିଥିଲେ। ଏଥିରେ ସେ ପ୍ରତିଶୋଧପରାୟଣ ହୋଇ ଗତ ୧୪ ତାରିଖ ରାତିରେ ପୀଡିତା ଶ୍ରିୟା ଛକରେ ଥିବା ଏକ ଜଳଖିଆ ଦୋକାନରୁ ଘରକୁ ଫେରୁଥିବାବେଳେ ତାଙ୍କୁ ଅପହରଣ କରିନେଇଥିଲେ। ତାଙ୍କୁ ବିବାହ ପାଇଁ ଘରେ ମନାଇବା ଲାଗି ଚାପ ପକାଇବା ସହିତ ତାଙ୍କୁ ମାଡ଼ ମାରିଥିଲେ। ପୀଡିତା ଏହାର ବିରୋଧ କରିବାରୁ ଅଭିଯୁକ୍ତ ବୋନି ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ।

# ଆନ୍ଦୋଳନ ଚେତାବନୀ ଦେଲା ଏଗ୍ରିକଲ୍‌ଚର ଆଣ୍ଡ୍ ବିଲ୍ଡିଂ କନ୍‌ଷ୍ଟ୍ରକ୍‌ସନ୍ ୱାର୍କର୍ସ ୟୁନିୟନ

**ଭୁବନେଶ୍ୱର, ୧୮।୧୦ (ବନ୍ଦନା ସେଠୀ)**




ଓଡ଼ିଶା ଫରେଷ୍ଟ ଉଡ୍ ଏଗ୍ରିକଲଚର ଆଣ୍ଡ୍ ବିଲ୍ଡିଂ କନ୍‌ଷ୍ଟ୍ରକ୍ସନ୍ ୱାର୍କର୍ସ ୟୁନିୟନ ରାଜ୍ୟ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ, ନବୀକରଣ, ବିଭିନ୍ନ ସହାୟତା ପ୍ରାପ୍ୟ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପ୍ରଦାନ, ନିର୍ମାଣ ଶ୍ରମିକ ପୋର୍ଟାଲରେ ତ୍ରୁଟି ଦୂର କରିବା ଆଦି ବିଭିନ୍ନ ଉପରେ ଆଲୋଚନା ହୋଇଥିଲା। ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ତଥା ସଂଘ ସାଧାରଣ ସମ୍ପାଦକ ବିଜୟ ଜେନା ବିଭିନ୍ନ ସମସ୍ୟାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। କଲ୍ୟାଣ ବୋର୍ଡ ଗଠନ କରି ସମସ୍ୟାର ଆଶୁ ସମାଧାନ କରା ନ ଗଲେ ରାଜ୍ୟବ୍ୟାପୀ ବ୍ୟାପକ ନିର୍ମାଣ ଶ୍ରମିକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ବୈଠକରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ସଂଘର ଉପସାଧାରଣ ସମ୍ପାଦକ ସୋମନାଥ ଗିରି, ଦେବାଶିଷ ବାବୁ, ପ୍ରବୀର କୁମାର କମ୍ପ, କାହ୍ନୁ ଚରଣ ବେହେରା, କରୁଣାକର ମହାରଣା, ସୁନୀଲ ମହାନ୍ତି, ଦେବେନ୍ଦ୍ର ଓ ମଦନ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ ଇତିହାସରେ ଜାତୀୟ ଆନ୍ଦୋଳନ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ

**ଭୁବନେଶ୍ୱର/ଖୋର୍ଦ୍ଧା,୧୮।୧୦ (ଶର୍ମିଷ୍ଠା ପାଣିଗ୍ରାହୀ/ପ୍ରଭାତ ପାଣିଗ୍ରାହୀ)**



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ଭାରତୀୟ ଜାତୀୟ ଅଭିଲେଖାଗାରର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱରର ସପ୍ତମ ମାସିକ ଆଲୋଚନାଚକ୍ର ଶୁକ୍ରବାର ଅଭିଲେଖାଗାରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜସ୍ଥାନର ଆଜ୍‌ମିରସ୍ଥିତ ଆଞ୍ଚଳିକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଇତିହାସ ବିଭାଗର ପ୍ରଫେସର ପ୍ରୀତୀଶ ଆଚାର୍ଯ୍ୟ ଯୋଗଦେଇ 'ଭାରତୀୟ ଜାତୀୟ ଆନ୍ଦୋଳନର ପ୍ରାସଙ୍ଗିକତା' ଉପରେ ଆଲୋଚନା କରିଥିଲେ। ସେ କହିଥିଲେ, ଭାରତ ଇତିହାସରେ ଭାରତୀୟ ଜାତୀୟ ଆନ୍ଦୋଳନ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଥିଲା। ଏହି ଆନ୍ଦୋଳନ ଭାରତକୁ ଅଧିକ ଶକ୍ତିଶାଳୀ କରିଥିଲା ଓ ଶେଷରେ ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତି ମିଳିଲା। ଭାରତର ସ୍ୱାଧୀନତା ଆନ୍ଦୋଳନ ପ୍ରାୟ ୧୦୦ ବର୍ଷ ଧରି ଚାଲିଥିଲା। ଏହା ୧୮୫୭ ମସିହାରେ ସିପାହୀ ବିଦ୍ରୋହରୁ ଆରମ୍ଭ ହୋଇ ୧୯୪୭ ଅଗଷ୍ଟ ୧୫ରେ ଶେଷ ହୋଇଥିଲା। ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ତଥା ଭାରତ ଛାଡ ଆନ୍ଦୋଳନ ଭାରତୀୟ ମୁକ୍ତି ସଂଗ୍ରାମକୁ ଅଧିକ କ୍ରିୟାଶୀଳ କରିଥିଲା। ଅହିଂସା ଅସହଯୋଗର ଅସ୍ତ୍ରରେ ଭାରତୀୟ ଗଣତନ୍ତ୍ର କେବେ ଦୁର୍ବଳ ହୋଇନାହିଁ ଓ ଉକ୍ତ ଜାତୀୟ ଆନ୍ଦୋଳନରେ ଭାରତର ଜନଜାତି ତଥା କୃଷକଙ୍କ ଭୂମିକା ଅଧିକ ଥିଲା ବୋଲି ପ୍ରଫେସର ଆଚାର୍ଯ୍ୟ ମତପୋଷଣ କରିଥିଲେ। ଅଭିଲେଖାଗାରର ସହନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର ଅଧ୍ୟକ୍ଷତା କରି କହିଲେ, ଇତିହାସ ହେଉଛି ଗୋଟିଏ ଜାତିର ମାନ ଓ ପ୍ରମାଣ, ଯାହା ଅଭିଲେଖାଗାର ଦ୍ୱାରା ସତ୍ୟ ପ୍ରମାଣିତ ହୋଇଥାଏ। ଅଭିଲେଖାଗାରରେ ଉପଯୁକ୍ତ ନିର୍ଭୁଲ୍ ତଥ୍ୟ ଇତିହାସକୁ କଳଙ୍କମୁକ୍ତ କରିବାରେ ସାହାଯ୍ୟ କରିଥାଏ। ଇତିହାସର ବିଭିନ୍ନ ସୋପାନରେ ହଜିଯାଉଥିବା ଘଟଣାର ଉପଯୁକ୍ତ ରକ୍ଷଣାବେକ୍ଷଣ ତଥା ବୈଜ୍ଞାନିକ ପଦ୍ଧତିରେ ଏହାର ସଂରକ୍ଷଣ ଏକ ସମ୍ପଦ ବୋଲି ଡ. ମିଶ୍ର କହିଥିଲେ। ରାମଚନ୍ଦ୍ର କରଣ ଧନ୍ୟବାଦ ପ୍ରଦାନ କରିଥିଲେ।

